ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.131 Bhubaneswar Tuesday July 05 2022 | ୨୫ତମ ବର୍ଷ ସଂଖ୍ୟା–୧୩୧ ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୦୫, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ରୁଚିକା ଆତ୍ମହତ୍ୟା ମାମଲା: ଗୃହରେ ବୟାନ ଦେଲେ ଗୃହ ରାଷ୍ଟ୍ରମନ୍ତ୍ରୀ, ରାଗିଂ ଯୋଗୁ ମୃତ୍ୟୁ ବୋଲି ମାନିଲେନି

ଭୁବନେଶ୍ୱର,୪।୭(ପି.ଏନ) : ବିଜେବି କଲେଜ ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଘଟଣାର ୫୪ ଘଂଟା ପରେ ବି ପୁଲିସ ହାତ ଖାଲି । 'କେବଳ ପଚାର ଉଚୁରା' ମଧ୍ୟରେ ପୁଲିସ ତଦନ୍ତ ସୀମିତ ରହିଥିବା ଓ କାହାରିକୁ ଦୋଷୀ ପାଇନଥିବା ଏବଂ ରାଗିଂ ଯୋଗୁ ରୁଚିକା ଆତ୍ମହତ୍ୟା କରିଛନ୍ତି ବୋଲି ସିଧାସଳଖ ସ୍ୱୀକାର କରିବାକୁ ରାଜ୍ୟ ସରକାର କୁଣ୍ଠାବୋଧ କରିଛନ୍ତି । ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଗୃହରେ ଦେଇଥିବା ବୟାନରୁ ଏହା ସ୍ପଷ୍ଟ ହୋଇଛି ।ବିଜେବି କଲେଜ ହଷ୍ଟେଲରେ ର ?ାଗିଂ ଯୋଗୁ ଛାତ୍ରୀ ରୁଚିକାଙ୍କ ଆତ୍ମହତ୍ୟା ହୋଇଥିବାର ଅଭିଯୋଗ ଆଣି ଆଜି ବିଧାନସଭାରେ ଉଭୟ କଂଗ୍ରେସ ଓ ବିଜେପି ବିଧାୟକମାନେ ହଟ୍ଟଗୋଳ କରିବା ସହ ସରକାରଙ୍କଠୁ ସ୍ପଷ୍ଟୀକରଣ ଲୋଡିଥିଲେ । ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନିର୍ଦ୍ଦେଶରେ ସରକାର ଏହି ପ୍ରସଙ୍ଗରେ ଗୃହରେ ବିବୃତ୍ତି ଦେଇଛନ୍ତି ।ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ଯେ, ବିଜେବି କଲେଜର ଯୁକ୍ତ ୩ ପ୍ରଥମ ବର୍ଷର ଇତିହାସ ଅନର୍ସ ବିଭାଗର ଛାତ୍ରୀ ରୁଚିକା ମହାନ୍ତିଙ୍କ ଆତ୍ମହତ୍ୟା ଏକ ସମ୍ବେଦନଶୀଳ ଓ ଅତି ଦୁଃଖଦ ଘଟଣା । ତାଙ୍କ ଘର ଚୌଦ୍ୱାର ଅନ୍ତର୍ଗତ କଖଡିରେ । ତାଙ୍କୁ କାରୁବାକୀ ମହିଳା ଛାତ୍ରାବାସର ଡର୍ମୋଟୋରୀରେ ରୁମ୍ ଦିଆଯାଇଥିଲା। ସେ ତାଙ୍କର ବାନ୍ଧବୀଙ୍କ ସହ ୨୦୧ ନମ୍ବର ରୁମରେ ରହୁଥିଲେ।୨ ତାରିଖ ସକାଳ ସା ? ? ୧୧ଟାରେ ରୁଚିକାଙ୍କ ଶବକୁ ତାଙ୍କ ବାନ୍ଧବୀରଙ୍କ ବନ୍ଦ ଥିବା ରୁମରୁ କଲେଜ ପ୍ରିନ୍ସିପାଲ ଓ ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କୁ ମିଳିଥିଲା । ପରେ ରୁଚିକାଙ୍କ ପରିବାର ଓ ପୁଲିସକୁ ଅବଗତ କରାଯାଇଥିଲା । ବରଗଡ ଥାନା ପୁଲିସ ମୃତା ରୁଚିକାଙ୍କ ଲୋକାଲ ଗାର୍ଡିଅନଙ୍କ ଉପସ୍ଥିତିରେ ତାଙ୍କ ପକେଟରୁ ଏକ ଚିଠି ଜବତ କରିଥିଲେ । ମୃତ ରୁଚିକାଙ୍କ ମାଆ ବିଦ୍ୟୁତପ୍ରଭା ମହାନ୍ତିଙ୍କ ରିପୋର୍ଟ ଆଧାରରେ ବରଗଡ ଥାନାରେ ଆଇପିସିର ୩୦୬ ଓ ୩୪ରେ ଏକ ମାମଲା ପଞ୍ଜିକୃତ ହୋଇଛି ।ଏହି ମାମଲାର ତଦନ୍ତ ପାଇଁ କମିଶନରେଟ ପୁଲିସ ପକ୍ଷରୁ ୩ଟି ଟିମ୍ ଗଠନ କରାଯାଇଛି । ଜଣେ ଅତିରିକ୍ତ ଡିସିପିଙ୍କ ତଦାରଖ ଓ ଭୁବନେଶ୍ୱର ଡିସିପିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ତଦନ୍ତ ଚାଲିଛି । ପରିବାର ସଦସ୍ୟ, ମୃତାଙ୍କ ବନ୍ଧୁବର୍ଗଙ୍କ ଦ୍ୱାରା ଉତଥାପିତ ତଥ୍ୟ ଓ ଚିଠିରେ ଲିଖିତ ସମସ୍ତ ଦିଗକୁ ତଦନ୍ତରେ ସାମିଲ କରାଯାଇଛି । ପୁଲିସ ଏହି ଘଟଣାରେ ହଷ୍ଟେଲ ସୁପରିଟେଣ୍ଡେଣ୍ଟ, କଲେଜ ପ୍ରିନ୍ସିପାଲ ଓ ମାଟ୍ରନ୍ ଓ ହଷ୍ଟେଲରେ ଥିବା ଛାତ୍ରୀମାନଙ୍କୁ ପଚରାଉଚୁରା କରୁଛି । ଏହି କେସର ତଦନ୍ତ ବରଗଡ ଥାନା ଅଧିକାରୀ କରୁଛନ୍ତି। ଶିକ୍ଷାନୁଷ୍ଠାନଗୁଡିକରେ ର ?ାଗିଂକୁ ପ୍ରତିହତ କରିବା ପାଇଁ ଗୃହ ବିଭାଗ ତରଫରୁ ଜାରି ହୋଇଥିବା ଏସଓପିକୁ କଡାକଡି ପାଳନ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଛନ୍ତି ।ରୁଚିକାଙ୍କ ଆତ୍ମହତ୍ୟାର ୫୪ ଘଂଟା ବିତି ଯାଇଥିଲେ ମଧ୍ୟ ପୁଲିସ ତଦନ୍ତ ଏବେ କେଉଁ ଦିଗରେ ରହିଛି ଓ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ କାହିଁକି ସରକାର ଦେଲେନି ସେ ସମ୍ପର୍କରେ ଗୃହ ରାଷ୍ଟ୍ରମନ୍ତ୍ରୀ ବିଧାନସଭାରେ ନିରବ ରହିଛନ୍ତି। ୫୪ ଘଂଟା ପରେ ମଧ୍ୟ ପୁଲିସ କେବଳ ନିଜର ତଦନ୍ତକୁ ପଚରାଉଚୁରା ମଧ୍ୟରେ ସୀମିତ ରଖିଛି। ରୁଚିକା ଆତ୍ମହତ୍ୟା ପୂର୍ବରୁ ଯେଉଁ ଚିଠି ଲେଖିଛନ୍ତି ଓ ଯେଉଁ ୩ଜଣ ସିନିୟରଙ୍କୁ ଦୋଷ ଦେଇଛନ୍ତି ପୁଲିସ କାହିଁକି ସେମାନଙ୍କୁ ଆଗକୁ ଆଣୁନି ତଥା ଗୃହ ରାଷ୍ଟ୍ରମନ୍ତ୍ରୀ କାହିଁକି ଏନେଇ ଚୁପ୍ ରହିଛନ୍ତି ତାହା ବୁଝାପଡିନି ? ଏହି ଆତ୍ମହତ୍ୟା ଯେ ରାଗିଂଜନିତ ତାହା ମଧ୍ୟ ସ୍ୱୀକାର କରିବାକୁ ଗୃହ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା କୁଣ୍ଠାବୋଧ କରିଥିବା ତାଙ୍କ ବୟାନରୁ ସ୍ପଷ୍ଟ ହୋଇଛି ।





## ସୃଷ୍ଟି ହେଲା ଲଘୁଚାପ , ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୪।୭(ପି.ଏନ): ଦକ୍ଷିଣ ଝାଡ଼ଖଣ୍ଡ ଓ ପାର୍ଶ୍ୱବର୍ତୀ ଅଂଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ହେବା ଫଳରେ ସୋମବାର ଉତର ଓଡ଼ିଶା ପାର୍ଶ୍ୱବର୍ତୀ ଦକ୍ଷିଣ ଝାଡ଼ଖଣ୍ଡ ଓ ଗଙ୍ଗୀୟ ପଶ୍ଚିମବଙ୍ଗ ଉପତ୍ୟକା ଅଂଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହି ଘୂର୍ଣ୍ଣି ବଳୟଟି ବାୟୁମଣ୍ଡଳରେ ୫.୮ କି.ମି ଯାଏଁ ବ୍ୟାପିଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଟ୍ୱିଟ୍ କରି ଏହି ସୂଚନା ଦିଆଯାଇଛି। ଏହି ଲଘୁଚାପ କ୍ଷେତ୍ର ପ୍ରଭାବରେ ଆସନ୍ତା ୪ରୁ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି ।ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଗାମୀ ୨୪ଘଂଟା ମଧ୍ୟରେ ସମଗ୍ର ରାଜ୍ୟରେ ବର୍ଷାର ସମ୍ଭାବନା ରହିଥିବା ବେଳେ ରାଜ୍ୟର ୪ଟି ଜିଲ୍ଲାରେ ଅତିପ୍ରବଳ ବର୍ଷା ଏବଂ ୧୦ଟି ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ମଙ୍ଗଳବାର ମଧ୍ୟାହ୍ନ ସୁଦ୍ଧା ରାଜ୍ୟର ଗଂଜାମ, ନୟାଗଡ଼, କନ୍ଧମାଳ ଓ ବୌଦ୍ଧ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ସେଥିପାଇଁ ଏହି ୪ଟି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।ଏହି ସମୟ ମଧ୍ୟରେ କୋରାପୁଟ, ରାୟଗଡ଼ା, ଗଜପତି, ପୁରୀ, ଖୋର୍ଦ୍ଧା, ଅନୁଗୁଳ, ଦେବଗଡ, ସମ୍ବଲପୁର, ସୁନ୍ଦରଗଡ଼ ଓ କେନ୍ଦୁଝର ଆଦି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ ।ସେହିପରି ୫ରୁ ୬ ତାରିଖ ମଧ୍ୟରେ ଗଜପତି, ଗଂଜାମ, ପୁରୀ, ଜଗତସିଂହପୁର, କଟକ, ଢେଙ୍କାନାଳ, ବଲାଙ୍ଗୀର, ବରଗଡ, ନୂଆପଡା,ସମ୍ବଲପୁର ଓ ଅନୁଗୁଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏଥିପାଇଁ ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ଗୁଜୁରାଟ ସହିତ ମହାରାଷ୍ଟ୍ରରେ ମଧ ନିର୍ବାଚନ ହେବାର ସମ୍ଭାବନା :ସଞ୍ଜୟ ରାଉତ

ମୁମ୍ବାଇ, ୪।୭(ପି.ଏନ): ଶିବସେନା ପ୍ରବକ୍ତା ତଥା ରାଜ୍ୟସଭା ସଦସ୍ୟ ସଞ୍ଜୟ ରାଉତ କହିଛନ୍ତି ଯେ ମହାରାଷ୍ଟ୍ରରେ ମଧ ଗୁଜୁରାଟ ସହିତ ବିଧାନସଭା ନିର୍ବାଚନ କରିବାର ପ୍ରସ୍ତୁତି କରାଯାଉଛି। ସେ କହିଛନ୍ତି ଯେ ଆସନ୍ତା ଛଅ ମାସରେ ସରକାର ହଟିବାର ସମ୍ଭାବନା ଏବେଠାରୁ ଜଣାଯାଉଛି। ସଞ୍ଜୟ ରାଉତ କହିଛନ୍ତି ଯେ ଶରଦ ପାୱାର ଅଧିକ ଅଧ୍ୟୟନ କରିବା ପରେ ଏହାର ସଂକେତ ଏବେଠାରୁ ଦେଇଛନ୍ତି।

## ଜୁଲାଇ ଶେଷ ସପ୍ତାହରେ ଯୁକ୍ତ ଦୁଇ ରେଜଲ୍ଟ

ଭୁବନେଶ୍ୱର, ୪।୭(ପି.ଏନ): ଜୁଲାଇ ଶେଷ ସପ୍ତାହରେ ପ୍ରକାଶ ପାଇବ ଯୁକ୍ତ ଦୁଇ ପରୀକ୍ଷା ଫଳ। ଖୁବଶୀଘ୍ର ବୋର୍ଡ ପକ୍ଷରୁ ତାରିଖ ଘୋଷଣା କରାଯିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ଏପ୍ରିଲ୍ ୨୮ ତାରିଖରୁ ଆରମ୍ଭ ହୋଇ ମେ ୨୮ରେ ଶେଷ ହୋଇଥିଲା । ଚଳିତ ବର୍ଷ ୩ ଲକ୍ଷ ୨୧ ହଜାର ୫୦୮ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। କଳାରେ ୨ ଲକ୍ଷ ୧୩ ହଜାର ୪୩୨, ବିଜ୍ଞାନରେ ୭୮ ହଜାର ୭୭ ଓ ବାଣିଜ୍ୟରେ ୨୪ ହଜାର ୧୩୬ ଏବଂ ଧନ୍ଦାମୂଳକରେ ୫ ହଜାର ୮୬୩ ଜଣ ପରୀକ୍ଷା ଦେଇଥିଲେ। କରୋନା କଟକଣା ମଧ୍ୟରେ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ।

## ୩ ବର୍ଷରେ ୭୬୦୩ ବାଳିକା ନିଖୋଜ

ଭୁବନେଶ୍ୱର, ୪।୭(ପି.ଏନ): ବିଗତ ୩ ବର୍ଷରେ ୭୬୦୩ ବାଳିକା ନିଖୋଜ ହୋଇଥିବା ବେଳେ ୫୮୭୧ ଜଣଙ୍କୁ ଉଦ୍ଧାର କରାଯାଇଛି । ବର୍ତମାନ ସୁଦ୍ଧା ୧୭୩୧ ଜଣ ନିଖୋଜ ଅଛନ୍ତି। ବିଧାୟକ ପ୍ରଫୁଲ ସାମଲଙ୍କ ପ୍ରଶ୍ନର ଉତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ସୂଚନା ଦେଇଛନ୍ତି। ସେହିପରି ବିଗତ ୩ ବର୍ଷରେ ୧୧୧୧ ଜଣ ବାଳକ ନିଖୋଜ ହୋଇଥବା ବେଳେ ସେଥିମଧ୍ୟରୁ ୯୦୭ ଜଣଙ୍କୁ ଉଦ୍ଧାର କରାଯାଇଛି। ଏ ପର୍ଯ୍ୟନ୍ତ ୨୦୪ ବାଳକ ନିଖୋଜ ଅଛନ୍ତି। ଗତ ୩ ବର୍ଷ ଭିତରେ ୨୫, ୯୭୩ ଜଣ ମହିଳା ନିଖୋଜ ହୋଇଥିଲେ।

## ଜୁଲାଇ ୬ରେ ମାଟ୍ରିକ୍ ପରୀକ୍ଷାଫଳ : ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୪।୭(ପି.ଏନ): ଆଗାମୀ ଜୁଲାଇ ୬ ତାରିଖ ଦିନ ଗୋଟାଏ ବେଳେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବ । ସାମ୍ବାଦିକ ମାନଙ୍କ ସହ କଥାବାର୍ତା ବେଳେ ଏହି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀରରଂଜନ ଦାଶ ।ସେ କହିଛନ୍ତି ଯେ ଭତ୍ସ୍ୱରକ୍ଟ୍ୟସବ୍ସ୍ୱଷବ.ବମ. ସଭଏବଂ କ୍ଟ୍ୟସବ୍ସ୍ୱଷବକ୍ସ୍ୱରଶ୍ୱଙ୍କକ୍ଷଶ୍ୱ. ଭସମ. ସଭରେ ଉପଲବ୍ଧ ହେବ। ସେ କହିଛନ୍ତି ଏବେ ମାଟ୍ରିକ୍ ପରୀକ୍ଷା ଖାତା ଦେଖା ସରିଥିବା ବେଳେ ଅନ୍ୟାନ୍ୟ ଆନୁସାଙ୍ଗିକ କାର୍ଯ୍ୟ ଚାଲିଛି। ନିର୍ଭୁଲ ପରୀକ୍ଷାଫଳ ପ୍ରକାଶ ପାଇଁ ଉଦ୍ୟମ ଜାରି ରହିଛି। ସେହିପରି ବୋର୍ଡ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ଯେ ଆସନ୍ତା ଜୁଲାଇ ୬ ତାରିଖ ଦିନ ୧ଟାରେ ଚଳିତବର୍ଷ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ ପାଇବ। ବୋର୍ଡ ସଭାପତି ରାମାଶିଷ ହାଜରା କହିଛନ୍ତି ବୋର୍ଡ ୱେବସାଇଟ୍ ବ୍ୟତୀତ କ୍ଟ୍ୟସବ୍ସ୍ୱଷବକ୍ସ୍ୱରଶ୍ୱଙ୍କକ୍ଷଶ୍ୱ. ଭସମ. ସଭରେ ମଧ୍ୟ ପରୀକ୍ଷାଫଳ ଉପଲବ୍ଧ ହେବ। ସେହିପରି ପରୀକ୍ଷାର୍ଥୀ ମାନେ ମଧ ମୋବାଇଲ ମାଧ୍ୟମରେ ଫଳାଫଳ ଜାଣିପାରିବେ। ନିଜର ମୋବାଇଲ ରୁ ଓଆର୧୦ ଏବଂ ନିଜର ରୋଲ ନମ୍ବରକୁ ଟାଇପ କରି ୫୬୭୬୭୫୦କୁ ପଠାଇଲେ ଫଳାଫଳ ଜାଣିହେବ ବୋଲି ବୋର୍ଡ ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି ।ପୂର୍ବରୁ ଓ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ଜୁଲାଇ ପ୍ରଥମ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବ ବୋଲି ସୂଚନା ଦେଇଥିଲେ। ଉଲ୍ଲେଖନୀୟ ଯେ କରୋନା ମହାମାରୀ ଯୋଗୁଁ ୨ବର୍ଷ ପରେ ଏଥର ଅଫଲାଇନରେ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ୩, ୨୦୩ ପରୀକ୍ଷା କେନ୍ଦ୍ରରେ ମୋଟ ୫ ଲକ୍ଷ ୭୧ ହଜାର ୯୦୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏପ୍ରିଲ ୨୯ରୁ ମେ ୭ ପର୍ଯ୍ୟନ୍ତ ମାଟ୍ରିକ ପରୀକ୍ଷା ଚାଲିଥିଲା। ମଧ୍ୟମା ଓ ଓପନ ସ୍କୁଲ ପିଲାଙ୍କୁ ମିଶାଇଲେ ମୋଟ ୫ ଲକ୍ଷ ୮୫ ହଜାର ୭୩୦ ଜଣ ପିଲା ୩୫୪୦ କେନ୍ଦ୍ରରେ ପରୀକ୍ଷା ଦେଇଥିଲେ ।ଗତ ମଇ ମାସ ୨୧ ତାରିଖରେ ମାଟ୍ରିକ ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରେଗୁଲାର ପରୀକ୍ଷା ସହିତ ଏସ୍ଓସ୍ ଓ ମଧ୍ୟମା ପରୀକ୍ଷାର ଖାତା ମୂଲ୍ୟାୟନ ହୋଇଥିଲା। ରାଜ୍ୟର ମୋଟ୍ ୫୮ଟି ମୂଲ୍ୟାୟନ କେନ୍ଦ୍ରରେ ଖାତା ଦେଖା ହୋଇଥିଲା। ଖାତା ଦେଖା ପାଇଁ ୪୮୧ ଜଣ ମୁଖ୍ୟ ପରୀକ୍ଷକଙ୍କ ସହ ୯୦୦ ଜଣ ଉପ ପରୀକ୍ଷକ, ୮୯୧୯ ଜଣ ସହକାରୀ ପରୀକ୍ଷକ ଓ ୯୩୦ ଜଣ ସ୍କ୍ରୁଟିନାଇଜର ଏଥିରେ ନିୟୋଜିତ ହୋଇଥିଲେ।

## ଆସନ୍ତାକାଲି ହେରାପଞ୍ଚମୀ, ମହାଲକ୍ଷ୍ମୀ ଭାଙ୍ଗିବେ ମହାପ୍ରଭୁଙ୍କ ରଥ

ପୁରୀ,୪।୭(ପି.ଏନ): ଆସନ୍ତାକାଲି ହେରାପଞ୍ଚମୀ। ଏହା ରଥଯାତ୍ରା ପର୍ବର ୫ମ ଦିନ। ଆଷା ? ଶୁକ୍ଳ ଷଷ୍ଠୀ। ଭାଇ, ଭଉଣୀଙ୍କୁ ସାଥୀରେ ଧରି ଶ୍ରୀଗୁଣ୍ଡିଚା ମନ୍ଦିର ବୁଲିବାକୁ ଚାଲିଆସିଥିବା ମହାପ୍ରଭୁଙ୍କର ପୁଣି ଏକ ମାନବୀୟ ଲୀଳା ଦେଖିବାକୁ ମିଳିବ। ରଥଯାତ୍ରାରେ ଆସିବା ବେଳେ ମା' ମହାଲକ୍ଷ୍ମୀଙ୍କୁ ସେ ସାଥୀରେ ଆଣିନାହାନ୍ତି। ତେଣୁ ଅଭିମାନ କରିଥିବା ମା' ମହାଲକ୍ଷ୍ମୀ ଆସନ୍ତାକାଲି ଶ୍ରୀମନ୍ଦିରରୁ ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ଉପରେ ରାଗ ସୁଝାଇବେ। ରଥ ଭାଙ୍ଗି ପୁଣି ଶ୍ରୀମନ୍ଦିର ଚାଲିଯିବେ। ଆସନ୍ତାକାଲି ଶ୍ରୀମନ୍ଦିର ଭଣ୍ଡାର ଘରେ ବିଜେ ହୋଇଥିବା ଲକ୍ଷ୍ମୀଙ୍କୁ ପାଳିଆ ମହାଜନମାନେ ମାଜଣା କରିବେ। ତାହା ପରେ ମା' ଲକ୍ଷ୍ମୀଙ୍କ ବନକଲାଗି ହେବ। ମା'ଙ୍କୁ ପାଟ ଓ ଅଳଙ୍କାର ଲାଗି ହେବେ। ପାଳିଆ ମେକାପ, ପ୍ରତିହାରୀ ଓ ମୁଦୁଲି ସେବକମାନେ ଦେଇଥିବା ପନ୍ତି ଭୋଗ ପୂଜାପଣ୍ଡା କରିବେ। ଏହାପରେ ମହାଜନମାନେ ଲକ୍ଷ୍ମୀଙ୍କୁ ନେଇ ବଟ ବୃକ୍ଷ ତଳେ ଥିବା ବିମାନରେ ବିଜେ କରାଇବେ ।ବିମାନବଡୁମାନେ ବିମାନ କାନ୍ଧ ?ଇ ଘଣ୍ଟ, କାହାଳି, ବାଜା ସହ ସିଂହଦ୍ୱାର ଦେଇ ଶ୍ରୀଗୁଣ୍ଡିଚା ମନ୍ଦିର ସାମ୍ନାରେ ପହଞ୍ଚିବେ। ସେଠାରେ ଥିବା ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ନନ୍ଦିଘୋଷ ରଥ ପାଖରେ ଠିଆ ହେବା ପରେ ପତି ମହାପାତ୍ର ପ୍ରସାଦ ଲାଗି ବନ୍ଦାପନା ଓ ଚାମର ଆଳଟ କରିବେ। ଘଷା ବିଡିଆ ଓ ଦହିପଟି ମଣୋହି କରିବେ ।ଏହି ସମୟ ମଧ୍ୟରେ ଶ୍ରୀଗୁଣ୍ଡିଚା ଘରେ ମହାପ୍ରଭୁଙ୍କ ତିନିବାଡରେ ସର୍ବାଙ୍ଗ ପରେ ବେଶ ହୋଇ ଓ ସନ୍ଧ୍ୟାଧୂପ ଉଠିବ। ପୂଜାପଣ୍ଡା ପୂଜାରେ ବସିଥିବା ବେଳେ ମା' ଲକ୍ଷ୍ମୀ ରଥ ପାଖରୁ ଜଗମୋହନ ଜୟବିଜୟ ଦ୍ୱାର ନିକଟକୁ ଆସିବେ। ମା'ଙ୍କ ଆଗମନ ସୂଚନା ଜଣାଇବା ପରେ ପତି ମହାପାତ୍ର ସିଂହାସନ ଉପରକୁ ଉଠି ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ମା' ଲକ୍ଷ୍ମୀଙ୍କୁ ଦେବେ। ଏହା ପରେ ପୂଜାପଣ୍ଡା ପୂଜା ବ ?ାଇ ଧୂପଦୀପ ଦେଇ ଟେରା ପକାଇବେ ।ଏହି ସମୟରେ ମା' ଲକ୍ଷ୍ମୀଙ୍କ ବିମାନକୁ ଜଗମୋହନରୁ ନାକଚଣା ଦ୍ୱାର ଦେଇ ଆଣିବା ପରେ ତେନ୍ତୁଳିଗଛ ପାଖରେ ରଖାଯିବ। ସେଠାରେ ଭିତରଚ୍ଛ ମହାପାତ୍ର ଗରାବଡୁ ଠାରୁ ହାତୁଆଣି ନେଇ ବନ୍ଦାପନା ଓ ଦହିପଟି ମଣୋହି କରିବେ। ଏହାପରେ ମା' ଲକ୍ଷ୍ମୀଙ୍କ ବିମାନକୁ ଶ୍ରୀଜଗନ୍ନାଥଙ୍କ ରଥ ପାଖକୁ ନିଆଯିବ। ମା' ଲକ୍ଷ୍ମୀ ରଥ ଉପରେ ରାଗ ସୁଝାଇବେ। ସେବକଙ୍କ ଭିତରୁ ଜଣେ ରଥର କାଠ ଖଣ୍ଡିଏ ଭାଙ୍ଗି ଦେବେ। ପରେ ମା' ଲକ୍ଷ୍ମୀ ହରଗୌରୀ ସାହି ଦେଇ ବଡଦେଉଳକୁ ବିଜେ କରିବେ। ମା' ଲକ୍ଷ୍ମୀ ଅଭିମାନ କରି ଚାଲିଯିବା ଦେଖି ମହାପ୍ରଭୁ ଶ୍ରୀମନ୍ଦିରକୁ ବାହାରିବା ନିମନ୍ତେ ପ୍ରସ୍ତୁତ ହେବେ।



## ମମିତା ମେହେର ହତ୍ୟା ମାମଲାରେ କେବଳ ଗୋବିନ୍ଦ ,ରାଧେଙ୍କ ସମ୍ପୃକ୍ତି ରହିଛି : ଗୃହ ରାଷ୍ଟ୍ରମନ୍ତ୍ରୀ

ଭୁବନେଶ୍ୱର, ୪।୭(ପି.ଏନ): କଳାହାଣ୍ଡି ଜିଲ୍ଲା ମହାଲିଙ୍ଗସ୍ଥିତ ସନ୍ ସାଇନ ପବ୍ଲିକ୍ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ କେବଳ ଗୋବିନ୍ଦ ସାହୁ ଏବଂ ରାଧେଶ୍ୟାମ ଚଣ୍ଡୀଙ୍କ ସମ୍ପୃକ୍ତି ରହିଛି। ଏଦୁହିଁଙ୍କ ଛଡ଼ା ଆଉ କାହାର ସମ୍ପୃକ୍ତି ନାହିଁ ବୋଲି ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀଙ୍କ ପ୍ରଶ୍ନର ଉତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା କହିଛନ୍ତି ।ସେ ଆହୁରି କହିଛନ୍ତି, ସମସ୍ତ ଚାର୍ଜ ସିଟ ଦାଖଲ କରାଯାଇ ସାରିଛି। ତଦନ୍ତରୁ ଜଣା ପଡ଼ିଛି ଏହି ଘଟଣାରେ ଗୋବିନ୍ଦ ସାହୁ ଏବଂ ରାଧେଶ୍ୟାମ ଚଣ୍ଡୀଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତି ବିଶେଷଙ୍କର ସମ୍ପୃକ୍ତି ନାହିଁ। ଉଭୟ ଅଭିଯୁକ୍ତ କଂଟାବାଞ୍ଜି ଜେଲ୍ରେ ବିଚାରଧୀନ କଏଦୀ ଅଛନ୍ତି। ବର୍ତମାନ ଗୋବିନ୍ଦ ସାହୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା କାରଣ ଦର୍ଶାଇ ଅନ୍ତରୀଣ ଜାମିନ୍ ରେ ଅଛନ୍ତି ବୋଲି ମନ୍ତ୍ରୀ ଗୃହକୁ ଜଣାଇଛନ୍ତି। ସୂଚନାଯୋଗ୍ୟ, କଳାହାଣ୍ଡି ଜିଲ୍ଲା ମହାଲିଙ୍ଗସ୍ଥିତ ସନ୍ସାଇନ ପବ୍ଲିକ୍ ସ୍କୁଲ ଅଧକ୍ଷା ମମିତା ମେହେର ହତ୍ୟା ମାମଲାରେ ପୁଲିସ ଗୋବିନ୍ଦ ସାହୁ ଓ ତାର ଗାଡ଼ି ଡ୍ରାଇଭର ରାଧେଶ୍ୟାମ ଚଣ୍ଡୀଙ୍କୁ ୨୦୨୧ ଅକ୍ଟୋବର ମାସରେ ଗିରଫ କରିଥିଲା। ସେହି ଦିନଠାରୁ ୨ ଅଭିଯୁକ୍ତ ବଲାଙ୍ଗୀର ଜିଲ୍ଲା କଣ୍ଟାବାଞ୍ଜି ଜେଲରେ ଅଛନ୍ତି। ନିକଟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁକୁ ସର୍ତମୂଳକ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ସ୍ତ୍ରୀ ଓ ପୁଅର ଚିକିତ୍ସା ପାଇଁ ହାଇକୋର୍ଟ ତାଙ୍କୁ୨ ସପ୍ତାହ ପାଇଁ ସର୍ତମୂଳକ ଅନ୍ତରୀଣ ଜାମିନ ଦେଇଛନ୍ତି।

## ବିଧାନସଭାରେ ୩ ଟି ବିଲ୍ ପାରିତ

ଭୁବନେଶ୍ୱର, ୪।୭(ପି.ଏନ): ବିଧାନସଭାରେ ସୋମବାର ଦିନ ୩ ଟି ବିଲ୍ ପାରିତ ହୋଇଛି। ପାରିତ ହୋଇଥିବା ବିଲ୍ ଗୁଡିକ ହେଲାଡ୍ରିମସ୍ ବିଶ୍ୱବିଦ୍ୟାଳୟ ଓଡିଶା ବିଲ୍ ୨୦୨୨ , ସି ଭି ରମଣ ଗ୍ଲୋବାଲ ବିଶ୍ୱବିଦ୍ୟାଳୟ , ଓଡିଶା (ସଂଶୋଧନ) ବିଲ୍ ୨୦୨୨ ଏବଂ ଗାନ୍ଧୀ ଯାନ୍ତ୍ରିକ ଓ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଓଡିଶା (ସଂଶୋଧନ) ବିଲ୍ ୨୦୨୨।

## ଶରଧାବାଲିରେ ଅପରିଷ୍କାର ଖାଦ୍ୟବିକ୍ରି

ପୁରୀ, ୪।୭(ପି.ଏନ): ରଥଯାତ୍ରା ସମୟରେ ପ୍ରାୟ ୬ଶହ କୋଟି ଟଙ୍କାର ବେପାର ହୁଏ । ଯାତ୍ରାଗହଳିକୁ ଲକ୍ଷ୍ୟ କରି ବିଭିନ୍ନ ଦୋକାନ ବଜାର, ଖାଦ୍ୟଷ୍ଟଲ ଖୋଲିଥାଏ । ବଡ଼ଶଙ୍ଖ ଠାରୁ ଗୁଣ୍ଡିଚା ମନ୍ଦିର ଦୁଇପାର୍ଶ୍ୱରେ ଅନେକ ଦୋକାନ ଖୋଲିଛି । ଅନେକ ବ୍ୟବସାୟୀ ନିମ୍ନମାନର ଖାଦ୍ୟ ସାମଗ୍ରୀକୁ ପ୍ରଚାର ପ୍ରସାର କରି ବିକ୍ରି କରୁଥିବା ଦେଖିବାକୁ ମିଳୁଛି । ଖୋଲା ଦାଣ୍ଡରେ ଖୋଲାରେ ଖାଦ୍ୟ ପଦାର୍ଥ ବିକ୍ରି ହେଉଛି । ଅତ୍ୟଧିକ ଗହଳି ଯୋଗୁଁ ସେଠାରେ ବାଲି ଧୂଳି କଣିକା ଉଡ଼ି ଖାଦ୍ୟ ପଦାର୍ଥରେ ମିଶୁଛି । ଖୋଲାରେ ବିକ୍ରି ହେଉଥିବା ଅନେକ ବ୍ୟକ୍ତିଙ୍କର ପେଟ ମୋଡ଼ିହେବା, ପେଟ କାଟିବା, ବାନ୍ତି ହେବା ଓ ଝାଡ଼ା ହେବା ସହ ମୁଣ୍ଡ ବୁଲାଇବା ଲକ୍ଷଣ ଦେଖା ଦେଇଛି । ଅନ୍ୟପକ୍ଷରେ ରଥଯାତ୍ରା ସମନ୍ୱୟ ବୈଠକରେ ୭ଜଣ ଫୁଡ଼ ସିକ୍ୟୁରିଟ ଇନ୍ସପେକ୍ଟର ଯୋଗଦେଇ ଖାଦ୍ୟ ଯାଂଚ କରିବେ ବୋଲି ସୂଚନା ପ୍ରଦାନ କରିଥିଲେ । ଗୋଟିଏ ଦିନ ମୋବାଇଲ କୋର୍ଟକରି ଜରିମାନା ଆଦାୟ କରି ଚୁପ ବସିଥିବା ଅଭିଯୋଗ ହୋଇଛି । ଏହାସହ ନକଲି ପାଣି ବୋତଲ ଲକ୍ଷ ଲକ୍ଷ ସଂଖ୍ୟାରେ ବିକ୍ରି ହେଉଛି । ଦୁଇବର୍ଷ କରୋନା ଯୋଗୁ ବେପାର ବନ୍ଦ ରହିଥିଲା ଚଳିତବର୍ଷ ଦୁଇଗୁଣା ଦରରେ ବିଭିନ୍ନ ସାମଗ୍ରୀ ବିକ୍ରି ହେଉଥିବା ଗ୍ରାହକ ଅଭିଯୋଗ କରିଛନ୍ତି । ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବୋତଲ ବ୍ୟବହାର ନିଷେଧ ହୋଇଥିବା ବେଳେ ପ୍ରାୟ ୬୦ଲକ୍ଷ ବ୍ୟବହୃତ ପାଣି ବୋତଲ ସହରସାରା ପଡ଼ିଥିବା ବେଳେ ସଫେଇ ସଂସ୍ଥା ସେଗୁଡ଼ିକ ସଫା କରି ନେଉଥିବା ଦେଖିବାକୁ ମିଳିଛି ।

## ରୁଚିକା ମହାନ୍ତିଙ୍କୁ ରାଗିଂ କରୁଥିବା ୩ ଛାତ୍ରୀ କିଏ ?

ଭୁବନେଶ୍ୱର ,୪।୭(ପି.ଏନ): କିଏ ସେ ୩ ଛାତ୍ରୀ କରୁଥିଲେ ରୁଚିକା ମହାନ୍ତିଙ୍କୁ ରାଗିଂ ସେମାନେ ଏବେ କେଉଁଠି କାହିଁକି ସେମାନଙ୍କ ପାଖରେ ପହଞ୍ଚି ପାରୁନି ଭୁବନେଶ୍ୱର କମିଶନରେଟ୍ ପୁଲିସ୍ ରାଗିଂ କରିଥିବା ୩ ସିନିୟର ଛାତ୍ରୀଙ୍କ ବିଷୟରେ କଲେଜ କର୍ତ୍ତୃପକ୍ଷ ଜାଣି ନାହାନ୍ତି ନା ଜାଣିଶୁଣି ଚୁପ୍ ରହିଛନ୍ତି। ରୁଚିକା ଆତ୍ମହତ୍ୟା କରିବାକୁ ତିନିଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚି ପାରିନି ପୁଲିସ୍। ଯାହାକୁ ନେଇ ରୁଚିକାଙ୍କ ପରିବାର ଓ ବିଭିନ୍ନ ଛାତ୍ରଛାତ୍ରୀ ସଙ୍ଗଠନ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଛି। ରାଗିଂ କରୁଥିବା ୩ ସିନିୟର ଛାତ୍ରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।କଟକ ଜିଲ୍ଲା କଖଡି ଗାଁର ରୁଚିକା ମହାନ୍ତି ବିଜେବି ମହାବିଦ୍ୟାଳୟର ଯୁକ୍ତ ୩ କଳାର ପ୍ରଥମ ବର୍ଷ ଛାତ୍ରୀ ଥିଲେ। ସେ ଇତିହାସ ଅନର୍ସ ନେଇ ପଢୁଥିଲେ। କାରୁବାକୀ ଛାତ୍ରୀ ନିବାସର ତୃତୀୟ ମହଲାର ରୁମ୍ ନମ୍ବର ନଂ ୨୦୧ରେ ରହୁଥିଲେ। ପ୍ରଥମ ବର୍ଷରେ ପଢୁଥିଲେ ମଧ ୟୁପିଏସ୍ସି ପାଇଁ ପ୍ରସ୍ତୁତି ଚଳାଇଥିଲେ। ହେଲେ ଗତ ୨ ତାରିଖ ପୂର୍ବାହ୍ନରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ କାରଣ ଲେଖିଯାଇଥିଲେ। ୩ ସିନିୟରଙ୍କ ରାଗିଂ ଯୋଗୁ ଆତ୍ମହତ୍ୟା କରିଥିବା ସୁଇସାଇଡ୍ ନୋଟ୍ରେ ଲେଖିଥିଲେ ରୁଚିକା ।ରୁଚିକା ଆତ୍ମହତ୍ୟା କରିବାକୁ ତିନି ଦିନରୁ ଅଧିକ ସମୟ ବିତିଲାଣି। ହେଲେ ଆଜି ପର୍ଯ୍ୟନ୍ତ କମିଶନରେଟ୍ ପୁଲିସ ୩ ସିନିୟର ଛାତ୍ରୀଙ୍କ ପରିଚୟ ଜାଣିପାରି ନାହିଁ। ଏପରିକି ଘଟଣାରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ଯାହାକୁ ନେଇ ରୁଚିକାଙ୍କ ପରିବାର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାର ସିବିଆଇ ତଦନ୍ତ କରିବାକୁ ଦାବି କରିଛନ୍ତି ରୁଚିକାଙ୍କ ବାପା। ସେପଟେ ରୁଚିକା ମହାନ୍ତିଙ୍କୁ ନ୍ୟାୟ ଦାବିରେ ବିଜେବି କଲେଜ ସାମ୍ନାରେ ଅହୋରାତ୍ର ଧାରଣା ଚାଲିଛି। ଧାରଣାରେ ବସିଛନ୍ତି ରାଜ୍ୟର ବିଭିନ୍ନ ଛାତ୍ର ସଂଗଠନ। ପୋଷ୍ଟର ଓ ବ୍ୟାନର ସହ ସରକାର ବିରୋଧୀ ନାରାରେ ରବିବାର ରାତିରୁ ଏମିତି କମ୍ପୁଛି କ୍ୟାମ୍ପସ। ନବ ନିର୍ମାଣ ଛାତ୍ର ସଂଗଠନର ଆମରଣ ଅନଶନରେ ସାମିଲ ହୋଇଛନ୍ତି ଛାତ୍ର କଂଗ୍ରେସ, ଅଖିଳ ଭାରତୀୟ ବିଦ୍ୟାର୍ଥି ପରିଷଦ, ରୁଚିକାଙ୍କ ବାପା, ମାଆ ଓ ଭାଇ ।ଅନ୍ୟପକ୍ଷରେ ରୁଚିକା ମହାନ୍ତି ଆତ୍ମହତ୍ୟା ଘଟଣାରେ ତଦନ୍ତ ଲାଗି ଏକ ୭ ଜଣିଆ କମିଟି ଗଠନ କରିଛନ୍ତି କଲେଜ ଅଧକ୍ଷ। କଲେଜରେ ଅଶାନ୍ତ ପରିବେଶକୁ ନଜରରେ ରଖି ସୋମବାର ହେବାକୁ ଥିବା +୩ ଶେଷ ବର୍ଷର ସେମିଷ୍ଟର ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏଥିସହ କିଛି କ୍ଲାସକୁ ମଧ ବାତିଲ କରାଯାଇଛି।






## ଶିକ୍ଷାରେ ଓବିସିଙ୍କୁ ସଂରକ୍ଷଣ ଦାବିରେ ଓବିସି କମିଶନଙ୍କ କାର୍ଯ୍ୟାଳୟ ଘେରିଲା ବିଜେପି

ଭୁବନେଶ୍ୱର,୪।୭(ପି.ଏନ): ଓଡିଶାରେ ଶିକ୍ଷା କ୍ଷେତ୍ରରେ ଓବିସି ବର୍ଗଙ୍କୁ ସଂରକ୍ଷଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାନଯିବା କାରଣରୁ ଓବିସି ବର୍ଗ ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇବା ସୁଯୋଗରୁ ବଂଚିତ ହେଉଛନ୍ତି । ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯିବା ସତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଶାସକ ବିଜେଡିର ପଛୁଆ ବର୍ଗ ବିରୋଧୀ ନୀତିକୁ ବିରୋଧ କରି ଆଜି ରାଜ୍ୟ ଓବିସି କମିଶନଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ଛାତ୍ର ସାମୁଖ୍ୟ ତରଫରୁ ଧାରଣା ଦିଆଯାଇଛି। ଶିକ୍ଷା କ୍ଷେତ୍ରରେ ଆଡ୍ମିଶନ ପାଇଁ ଓବିସି ବର୍ଗଙ୍କୁ ରାଜ୍ୟ ସରକାର ସଂରକ୍ଷଣ ନଦେବା ପର୍ଯ୍ୟନ୍ତ ରାଜ୍ୟ ବିଜେପି ଓବିସି ମୋର୍ଚ୍ଚା ତରଫରୁ ଆନ୍ଦୋଳନ କରାଯିବ ବୋଲି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି ।କ୍ରମାଗତ ଭାବେ ରାଜ୍ୟର ଓବିସି ବର୍ଗଙ୍କୁ ଶାସକ ବିଜେଡି ଉପେକ୍ଷା କରିଆସୁଛି । ଓବିସି ବର୍ଗଙ୍କ ସାମ୍ବିଧାନିକ ହକ୍ ପାଇଁ ଏହି ଆନ୍ଦୋଳନକୁ ତୀବ୍ର ରୁପ କରାଯିବା ସହିତ ଆଗାମୀ ଦିନରେ ରାଜ୍ୟର ପ୍ରତ୍ୟେକ ଜିଲ୍ଲାରେ ଆନ୍ଦୋଳନ ଏବଂ ଧାରଣ ପ୍ରଦର୍ଶନ କରାଯିବ । ଧାରଣସ୍ଥଳକୁ ବିଧାୟକ ନାଉରୀ ନାୟକ, ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ଡ.ମୁକେଶ ମହାଲିଙ୍ଗ, ଇଂ.ଗଣେଶରାମ ଖୁଂଟିଆ ପ୍ରମୁଖ ଆସି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ସହିତ ଏହି ପ୍ରସଙ୍ଗକୁ ବିଧାନସଭାରେ ଆଲୋଚନା କରାଯିବ ବୋଲି କହିଛନ୍ତି ।ଏହି ଧାରଣାରେ ମୋର୍ଚ୍ଚାର ରାଜ୍ୟ ସଭାପତି ଶ୍ରୀ ବିଶ୍ୱାଳଙ୍କ ସମେତ ରାଜ୍ୟ ଉପସଭାପତି ସୁକାନ୍ତ ବିଶ୍ୱାଳ, ସାଧାରଣ ସଂପାଦକ ଜ୍ଞାନେନ୍ଦ୍ର ସ୍ୱାଇଁ, ଚନ୍ଦନ ରଣାଙ୍କ ସମେତ ବହୁ କାର୍ଯ୍ୟକର୍ତା, ଛାତ୍ର ଓ ଅଭିଭାବକ ଉପସ୍ଥିତ ଥିଲେ ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଋଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଋଲିଗଲା ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଋର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଋରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି କିନ୍ତୁ ସେ ସେପରି ଗୁରୁଙ୍କୁ ଋହିଁ ରହିଥାନ୍ତି ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

## ଆଜିର ଭାଗ୍ୟ


**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।


**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।


**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।


**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।


**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।


**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।


**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।


**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।


**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।


**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।


**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ରୋବଟ କରେ ହୋଟେଲ କାମ




ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିଓ୍ୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱୀଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିଓ୍ୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ଓ୍ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଋଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆତ୍ମାକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଋର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଋରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।




# —'ପ୍ରହେଳିକା'—

ଓହୋ ! ଆଜି ଟିକେ ମନଟା ଶାନ୍ତି ପାଇଲା, ମୁଁ ମୋ ସ୍ୱାମୀ କୁମାରଙ୍କ ସହ ଗାଁରୁ ଫେରିଲି, ଘର ଗଳି ମୋଡରୁ ମୁଁ କାର୍ କାଚ ଖୋଲି ବାସ୍ ଚାହିଁ ରହିଥିଲି ମୋ ପାଖ ଫ୍ଲାଟଟିକୁ ଦେଖିବି। ସେଟା ଘର କମ୍, ପାର୍କ ବେଶୀ ଲାଗେ, ସେ ବଗିଚାର ରଙ୍ଗ ବେରଙ୍ଗୀ ଫୁଲ, ଗଛ, ମହ ମହ ବାସୁଥିବା ମଲ୍ଲି, ଚମ୍ପା ଆଦି ଯେମିତି ମତେ ଖତେଇ ହୁଅନ୍ତି। ହେଲେ ଆଜି ଆଠ ଦିନ ପରେ ଗାଁରୁ ଫେରି ନିଜ ଘର ଆଡେ ନଦେଖି ପାଖ ଘରକୁ ତନଖି କରି ଦେଖିଲି, ଫୁଲ ଗଛ ସବୁ ଝାଉଁଳି ପଡିଛି, ଗେଟ୍‌ରୁ ଘର ଯାଏଁ ପଡିଥିବା ଟାଇଲ୍ ସୁଖିଲା ପତ୍ରରେ ଭରା। ମତେ ଭାରି ଶାନ୍ତି ଲାଗିଲା, ମୋ ଚେହେରାର ସ୍ମିତ ହସ ଦେଖି କୁମାର ପଚାରିଲେ କ'ଣ ନିଜ ଘର ଦେଖି ଖୁସି ହଉଛ ? ମୁଁ କିନ୍ତୁ ମୋ ଖୁସିର କାରଣ ଟା କହିଲି ନାହିଁ, କାରଣ ଆଗରୁ ବହୁଥର ସେ ପାଖ ଘର କଥା କହି ମୋ ସ୍ୱାମୀଙ୍କ ଠାରୁ ପ୍ରବଚନ ଶୁଣି ସାରିଛି। ତେଣୁ ଚୁପ୍ ରହିବା ଶ୍ରେୟ ମଣିଲି।

ମୁଁ ମାନସୀ ଭୁବନେଶ୍ୱର ପୁଣି ଶହିଦନଗରରେ ତିନି ମହଲା କୋଠାର ମାଲିକାଣୀ। ମୋ ଘର ଅଗଣାରେ ବି ବହୁତ ଖାଲି ଜାଗା, ଉପର ଘର ଭଡାଟିଆ ରୁହନ୍ତି, ମୋ ପାଖ ଘରଟା ମୁଁ ଘର ତୋଳିବା ଆଗରୁ ଥିଲା। କେହି ଯିବା ଆସିବା କେବେ ଦେଖିନଥିଲି। ମୋର ଏ ଘରେ ରହିବା ପ୍ରାୟ ୧୦ ବର୍ଷ ହେଲାଣି। ପିଲାମାନେ ବଡ ହୋଇ ଯେଝା ସଂସାର ଧରି ବଡ ବମ୍ବେରେ ତ ସାନ ବାଙ୍ଗାଲୋର୍‌ରେ। ମୋ ସ୍ୱାମୀ ରିଟାୟଡ୍ ପ୍ରଶାସନିକ ଅଧିକାରୀ। ମୋ ଶାଶୁ ଘରେ ବି ମୋରି ରାଜୁତି, କାରଣ କୁମାର ବାପା ମା'ଙ୍କର ଏକମାତ୍ର ପୁଅ । ମୋର କେମିତି ବାହାଘର ହେଲା, କେତେ ଧନ ସମ୍ପତି ମୋ ବାପା ଦେଇଥିଲେ ଏ ସବୁ ମୁଁ ଆମ କାମବାଲି ମାଧ୍ୟମରେ ଆମ ପର ଆଖ ପାଖରେ ପହଂଚାଇ ଦେଇଛି। ତା'ପରେ ଲାଗେ ସମସ୍ତେ ମତେ ଖୁବ୍ ସମ୍ମାନ ଭରା ଚାହାଣୀରେ ଦେଖନ୍ତି। ପାଖ ଘରଟା ବାସ୍ ଗୋଟେ ମହଲା ଘର, ମୋର ସେ ଗଳିର ଦ୍ୱିତୀୟ ଘର, ଉତରା ପବନ ମୋ ଘରକୁ ବେସ୍ ସୁରୁ ଖୁରୁରେ ଆସେ। ହଠାତ୍ ଦିନେ ସକାଳୁ ଗୋଟେ ଟ୍ରକ୍ ଆସି ରହିଲା। ଧୁମ୍ ଧାମ୍ ଶବ୍ଦରେ ଝରକା ବାଟେ ଦେଖିଲି ସେ ପାଖ ଘରେ ଲୋକ ଆସିଛନ୍ତି ରହିବାକୁ। ସନ୍ଧ୍ୟା ଯାଏଁ ଘରେ ଲୋକ ଯିବା ଆସିବା ଲାଗିଥିଲା ସେ ଘରକୁ। ମନେମନେ ସ୍ଥିର କଲି କାଲି ଯାଇ ସେ ଘରେ କିଏ ରହିଲେ, ସବୁ ବୁଝିବି, ମୋ ଘର କାମବାଲି ଟିକେ ଡେରିରେ ଆସେ। ସେ ଆସିଲେ ତାକୁ ପଠେଇ ସେ ଘର ଲୋକ ଭଡାଟିଆ ନା ନିଜେ ମାଲିକ ବୁଝିନେବି, ଏମିତି ଭାବୁ ଭାବୁ ଟା' କରୁଥିଲି, ରୋଷେଇ ଘର ଝରକା ବାଟେ ଦେଖିଲି ସେ ଘର ଗେଟ୍ ଖୋଲି ଗୋଟେ ମଧ୍ୟ ବୟସ୍କା... ନା' ବୋଧେ ତିରିଷ କି ବତିଷ ବର୍ଷର ବେଶ୍ ଡେଙ୍ଗା, ଗୋରା, ସ୍ତ୍ରୀ ଲୋକଟିଏ କାନ୍ଧରେ ଭ୍ୟାନିଟ୍ ବ୍ୟାଗ ପକାଇ ମୋ ଘର ଆଗଦେଇ ଚାଲିଗଲା। ମୋର ଏଡେ ବଡ ସୁନ୍ଦର ଘର ଆଡେ ଟିକେ ଅନେଇଲାନି ମଧ୍ୟ। ଛାଡ କାମବାଲି ଆସୁ, ସବୁ ଖବର ବୁଝିବି। ବେଶ୍ କିଛି ସମୟ ପରେ ଛବି (ମୋ କାମବାଲି) ଆସିଲା, ସେ ଆସୁ ଆସୁ ତାକୁ ପଠେଇଲି ଯା ପାଖ ଘରେ ବୁଝି ଆସିବୁ କିଏ ରହିଲେ, କ'ଣ କରନ୍ତି ଇତ୍ୟାଦି। ସେ ବି ଖୁବ୍ ଆଗ୍ରହରେ ଗୋଟେ ନୂଆ ଘରେ କାମ ପାଇବା ଆଶାରେ ଚାଲିଲା ତାଙ୍କ ଘର ଆଡେ। ହେଲେ ଦୁଇ ମିନିଟ୍‌ରେ ଫେରି ଆସି କହିଲା ମା' ଘରେ ତ ତାଲା ପଡିଛି, ଆଉ ଗେଟ୍‌ରେ ନାମଫଳକ ବି ନାହିଁ ବାସ୍ ଲେଖା ହୋଇଛି "ଶହିଦ୍ ଭବନ"। ଶୁଣୁ ଶୁଣୁ ମୋ ପାଟିରୁ ବାହାରିଲା ଏ କି ନାମ ! ମୋ ଘର ନାମ "ସ୍ୱାତୀ ନିଳୟ", ମୋ ଶାଶୁଙ୍କ ନା। ଆଉ ଏ କି ଲୋକ ଯେ ଏମିତି ଗୋଟେ ଅପଦସିଆ ନାଁ ଦେଇଛନ୍ତି କେଜାଣି। ଦିନସାରା ମୋର ଟିଭି ସିରିଏଲ, ୟୁ ଟ୍ୟୁବ୍‌ରେ କଟିଲା। ଯେମିତି ପାଂଚ ବାଜିଲା ମୁଁ ମୋ ଘର ବାରଣ୍ଡାରେ ଲାଗିଥିବା ଦୋଳାୟମାନ ଚେୟାରରେ ଆସି ବସି ପଡିଲି। ସେ ପାଖ ଘର ମହିଳା ବୋଧେ କର୍ମଜୀବି, ସେ ଫେରିଲେ ନିଶ୍ଚୟ ମୋର ଏ ବିଶାଳ ଅଟାଳିକା ଆଡେ ଚାହିଁବେ, ଆଉ ମୁଁ ମୌକା ଦେଖି ତା ନାଁ -ଗାଁ ସବୁ ବୁଝିନେବି, ସନ୍ଧ୍ୟା ଗଡିଲାଣି ହେଲେ ସେ ମହିଳାର ଦେଖାନାହିଁ। ବାସ୍ ଉଠି ଘର ଆଡେ ମୁହାଁଇଲା ବେଳକୁ ସେ ମୋ ଗେଟ୍ ସିଧାରେ, ମୁଁ ବାସ୍ ତାକୁ ଚାହିଁ ରହିଲି କି ସେ ମୋ ଘର ଆଡେ ଚାହିଁଲେ ମୁଁ ଗୋଟେ ହସ ଦେବି ଯେ, ସେ ବଳେ ଠିଆ ହେଇ ନମସ୍କାର କରି ଆପେ ଆପେ ତା' ପରିଚୟ ଦେଇ ଦେବ। ହୁଏତ ମୋ ଠାରୁ କିଛି ଟିପ୍ସ ନେଇ ପାରେ। ହେଲେ ସେମିତି କିଛି ହେଲାନି, ସେ ନିର୍ବିକାର ଭାବେ ତା' ଘର ଭିତରକୁ ଚାଲିଗଲା, ମୁଁ ମନେ ମନେ କହିଲି କି ଗର୍ବି ସ୍ତ୍ରୀ ଲୋକଟା, ହାତରେ ଚୁଡି ନାହିଁ କି ମଥାରେ ସିନ୍ଦୁର ନାହିଁ, ବୋଧେ ଅଭିଆଡିଟେ। ହଉ କାଲି ଛବି ଆସୁ ! ମୁଁ ମୋ ଘର କାମରେ ଲାଗିଲି, ତା' ପରେ ମୋ ଚିରା ଚରିତ ସିରିୟଲ ଦେଖା। କୁମାର କ୍ଲବ ଯାଇଥିଲେ, ଫେରୁ ଫେରୁ କହିଲେ ଦେଖିଲଣି ମାନସୀ ପାଖ ଘର ଆଗରେ ଟ୍ରଲି ରିକ୍ସାରେ କେତେ ଫୁଲ କୁଣ୍ଡ, ଗଛ ଚାରା ! ମୁଁ ବି ଝରକା ପାଖକୁ ଯାଇ ଦେଖିଲି, ସେ ସ୍ତ୍ରୀ ଲୋକଟି ଚୁଡିଦାର କମିଜ୍‌ଟେ ପିନ୍ଧି ଘର ବାରଣ୍ଡାରେ ଠିଆ ହେଇଛି, ତା' ପାଖରେ ହ୍ୱିଲ୍ ଚେୟାରରେ ଜଣେ ବୟସ୍କ ପୁରୁଷ, ମନେ ମନେ ଭାବିଲି ବାପ-ଝିଅ ହେଇଥିବେ, ହେଲେ ଏତେ ଗୁଡେ ଲାଇଟ୍ କ'ଣ ଲଗେଇଛନ୍ତି ପୁରା ରାସ୍ତା ଯାଏଁ ଆଲୁଅ ପଡୁଛି ! ମୁଁ ତ ପୁରା ଏ ମାମଲାରେ ସିରିୟସ୍। ଯେତିକି କମ୍ ଲାଇଟ୍-ଫ୍ୟାନ ଓ ଟେମ୍ପରେଚର ୪୦ ଡିଗ୍ରୀ ନ ଟପିବା ଯାଏଁ ଏସି ବି ଲଗାଏନି। ସେମିତି ତାଗିଦ୍ ବି ଭଡାଟିଆଙ୍କୁ କରିଛି। ନା' ଲାଇଟ୍ ବାବଦରେ ନୁହେଁ, ସେମାନେ ବିଲ୍ ଦଉଛନ୍ତି, ଜାଳନ୍ତୁ କେତେ ଜାଳିବେ। ପାଣି କିନ୍ତୁ ଦେଖି ଚାହିଁ ଖର୍ଚ୍ଚ କରିବେ କାରଣ ପାଣିଟା ମାଗଣା ଦେବା ଲାଗି ଚୁକ୍ତି କରିଛି ପରା। ହେଲେ ଏ ପାଖ ଘର "ଶହିଦ୍ ଭବନ" ବାଲା କ'ଣ ପାଗଳ କି ? ଏତେ ଲାଇଟ୍, ପୁଣି ଏତେ ଗଛ ଯଦି ଲଗେଇବେ କେତେ ପାଣି ସାରିବେ, ହଉ ତାଙ୍କର ବିଲ୍ ଉଠିବ ମୋର କ'ଣ ଅଛି। ମୁହଁକୁ ବୁଲେଇ ରାତି ଖାଇବା ଲାଗି ବସିଲୁ। କୁମାର ଥଟ୍ଟା କରି କହିଲେ କ'ଣ ପାଖ ଘର ଲୋକେ ତମ ପ୍ରତିପତି ଜାଣିଲେଣି ନା ନାହିଁ ? ମୁଁ ବିରକ୍ତ ହେଇ ଚୁପ୍ ହିଁ ରହିଲି। ଏମିତି ତା' ପରଦିନ ଛବିକୁ ପଠାଇଲି, ସେ ଘର ବିଷୟରେ ବିସ୍ତୃତ ବିବରଣୀ ଆଣିବା ସହ ମୋ ବିଷୟରେ ଟିକେ କହିବ ବୋଲି। ସେ ବେଶ୍ ଅଧ ଘଂଟା ପରେ ଫେରିଲା, ହସ ହସ ମୁହଁରେ କହିଲା ମା' ସେ ଘର ଦିଦି ବହୁତ ଭଲ। ମତେ ଚୌକିରେ ବସିବାକୁ ଦେଲେ, କଫି ବି ଦେଲେ। କାମ କଥା ମନା କଲେ କିନ୍ତୁ କହିଲେ ବଗିଚା କାମରେ ଟିକେ ସାହାଯ୍ୟ କରିବ କି ? ମୁଁ ହଁ କହିଲି, ତାଙ୍କ ବାପାଙ୍କ ଆଡେ ଚାହିଁ ପଚାରିଲେ ବାପା ଦିନ ସାରା ଘରେ ଏକଲା ଲାଗୁଛି କି ଏଠି ? କହିବେ ତ ମୁଁ ଛବି ଭଉଣୀକୁ କହି କାହାକୁ ଘରେ ସନ୍ଧ୍ୟା ଯାଏଁ ରଖିଦେବା। ବାପା ତାଙ୍କର ବି କେତେ ଭଲ, କହିଲେ ନା' ମା ତୁ ତ ସବୁ ହାତ ପାଖେ ଖଞ୍ଜି ଦେଇ ଯାଉଛୁ। ଏ ଝିଅଟି ବାସ୍ ବଗିଚା ଟିକୁ ରଙ୍ଗରେ ଭରିବାରେ ସାହାଯ୍ୟ କଲେ ବହୁତ। ମୁଁ ଅଧାରୁ ତାକୁ ଚୁପ୍ କରେଇ ଟିକେ ରୁକ୍ଷ ଗଳାରେ କହିଲି, ହେ କହ ତା' ନାଁ କ'ଣ ? ବାହା ହେଇଛି କି ନା, କି ଚାକିରୀ... ଆଉ ମୋ ବିଷୟରେ କହିଲୁ କି ନାହିଁ। ଛବିର ହସ ବନ୍ଦ ହେଇଗଲା, କହିଲା ମା' ସେ ଦିଦିର କଥା ଏତେ ସୁନ୍ଦର ଯେ, ମୁଁ ସବୁ ଭୁଲିଗଲି, ହଉ କାଲି ସନ୍ଧ୍ୟା ୫ଟାରେ ତାଙ୍କ ସହ ବଗିଚା କାମ କଲାବେଳେ ବୁଝିନେବି। ବେସ୍ ଛଅଟା ମାସରେ ସେ ବଗିଚା ଗୋଟେ ପାର୍କ ହେଇସାରିଥିଲା। ତା'ର ଖାଲି ନା'ଟି ଛବି ବୁଝିଥିଲା "ସୁଜାତା" ବାକି ସେ କୁଆଡେ କଥା ବେଶି ହୁଏନି। ଛଅ ମାସରେ ବହୁ ଚେଷ୍ଟା ସତ୍ୱେ ସୁଜାତା ଥରେ ବି କଥା ହେଲାନି, ବାସ୍ ତାକୁ ଘରୁ ୯.୩୦ରେ ଯିବା ଓ ୫ ଟାରେ ଫେରି ସନ୍ଧ୍ୟା ୭ଟା ଯାଏଁ ବଗିଚାରେ ଦେଖେ। ରବିବାର ତ ସେ ବାପ-ଝିଅ ଦିନ ସାରା ବଗିଚା କାମରେ ଲାଗିପଡନ୍ତି। ବସନ୍ତ ଋତୁ କ'ଣ ବୋଧେ ମୁଁ ପ୍ରଥମ ଥର ଅନୁଭବ କଲି। ଛାତ ଉପରୁ ତା ବଗିଚାକୁ ଦେଖେ, କେତେ ଫୁଲ, କେତେ ରଙ୍ଗ ବେରଙ୍ଗ ଗଛ। ବାସ୍ନା ବି ଏମିତି ଖେଳେଇ ହେଇଯାଏ କି ମୋ ତିନି ମହଲା ଛାତ ଯାଏଁ ପହଂଚେ। ସେତେବେଳେ ମୁଁ ମୋ ବଗିଚାକୁ ଦେଖେ ୪ ଟା ନଡିଆ ଗଛ। ଆଉ ତା ବଗିଚାରେ ମହ ମହ ବାସ୍ନା ଓ ମୋ ଭଡାଟିଆଠାରୁ ସ୍ୱାମୀ ପର୍ଯ୍ୟନ୍ତ ତା'ର ବଗିଚାର ପ୍ରଶଂସା ମତେ ଯେମିତି କଂଟା ଫୋଡିଲା ଭଳି ଲାଗୁଥିଲା। ମନେ ମନେ କହୁଥିଲି ସୁଜାତା ନା' ରହସ୍ୟମୟୀ। ଏମିତି ଦିନେ ଅଦିନିଆ ଝଡ ବର୍ଷା ହେଲା, ମୁଁ ପବନ ଦେଖି ଖୁସିରେ ଠାକୁରଙ୍କୁ ଧନ୍ୟବାଦ ଦେଲି, ଏଥର ତା ବଗିଚା ଗଲା, ପ୍ରଭୁ ମୋ କଥା ଶୁଣିଲେ। ବଡ ଆନନ୍ଦରେ ରାତି ପାହିବା ଅପେକ୍ଷାରେ ବହୁତ ଡେରିରେ ଶୋଇଲି। ସକାଳୁ ବି ଟିକେ ଡେରି ହେଲା ଉଠିବାରେ । ଉଠି ଦେଖିଲି ମୋ ସ୍ୱାମୀ ବାରଣ୍ଡାରେ କାହାକୁ ଫୋନ୍‌ରେ ଅନୁରୋଧ କରୁଛନ୍ତି, ଯେମିତି ହଉ ୨ଟା ମୁଲିଆ ଦରକାର। ଗଛ ପଡି ରାସ୍ତା ଅବରୋଧ। ମୁଁ ଭିତରୁ ହିଁ ବଡ ପାଟିରେ କହିଲି ତମର ଏତେ କାହା ଲାଗି ଦରଦ ଦେଖେଇବା ଦରକାର ନାହିଁ, ସେ ପାର୍କ କରି ମତେ ଖତେଇ ହେଉଥିଲା, ଏବେ ନିଜେ ଭୋଗୁ। କୁମାର ରାଗି ଉଠି ଫୋନ୍ କାଟି, ମୋ ହାତଧରି ବାରଣ୍ଡାକୁ ଟାଣି ନେଲେ କହିଲେ ଦେଖ....ମୁଁ ତାଟକା ମୋ ଅଗଣାର ନଡିଆ ଗଛରୁ ୨ଟା ମୂଳରୁ ଉପୁଡି ଏମିତି ପଡିଛି ଯେ ଗେଟ୍ ଖୋଲିବା ବି ଅସମ୍ଭବ। ତଥାପି ମୁଁ ଗୋଡ ଟେକି ସେ ଶହିଦ ଭବନ ଆଡେ ଚାହିଁଲି, ଆରେ ଏ କ'ଣ ସେ ସୁଜାତା ଓ ଛବି ଗଡି ପଡିଥିବା କୁଣ୍ଡ ଗୁଡା ସଜାଡୁଛନ୍ତି, ଆଉ ବାକି ରକମ୍ ରକମ୍ ଫୁଲ ଗଛ ସେମିତି ମତେ ଚାହିଁ ଖତେଇ ହଉଛନ୍ତି। ମନ ମାରି ରହିଲି, ଭଡାଟିଆ ମାନେ ବି ଗୋଟେ ଗୋଟେ କରି ସିଆଡେ ଢ଼ଳିଲେଣି, କିନ୍ତୁ ମୁଁ ତ ସଂଭ୍ରାନ୍ତ ଘରର, ପୁଣି ମୋ ସ୍ୱାମୀ ପ୍ରଶାସନିକ ଅଧିକାରୀ ଥିଲେ ମୁଁ ବା କାହିଁକି ମୋ ଆଡୁ ଯିବି ! ସେ ଆସୁନି। ବାସ୍ ଏତିକି କନଫର୍ମ ହେଇଥିଲି ସେ ଭଡାଟିଆ ନୁହେଁ, ସେ ବୁଢ଼ା ଘର ମାଲିକ। ବୁଢ଼ା ତ ହ୍ୱିଲ୍ ଚେୟାରରେ ସେଥିଲାଗି ବଢ଼ିଲା ଝିଅକୁ ବୋଧେ ବାହା ନ ଦେଇ ଘରେ ରଖିଛି।

ଦିନେ ସାହସ କରି ପାଚେରି ଏପଟୁ ପାଟି କରି କହିଲି, ଆଜ୍ଞା ମୋ ପାଚେରି ଆଡେ ଆପଣଙ୍କ ଫୁଲ ଲଟା ମାଡୁଛି, ତାକୁ ନିଜ ପଟେ ରଖ, ନ ହେଲେ ଲୁଣ ପାଣି ଢାଳିଦେବି, ସେ କିଛି କହିଲାନି ବାସ୍ ଚାହିଁଲା ଆଉ କହିଲା ହଉ ଆଜ୍ଞା ମୁଁ କାଢ଼ିଦେବି, ସେମାନେ ତ ଗଛ, ସେ ବା କ'ଣ ଜାଣନ୍ତି ବନ୍ଧ ବାଡ ! ହଉ କ୍ଷମା କରିବେ। ତା' ପରେ ଆଉ ସେ କେବେ ନା କଥା ହେଇଥିଲା, ନା ମତେ ମୌକା ଦେଲା କିଛି କହିବାକୁ। ମୋର ମୋ ସ୍ୱାମୀଙ୍କ ସହ ଗାଁକୁ ଯିବାର ଥିଲା, ତ ଛବିକୁ ୧୦ ଦିନ କାମକୁ ନ ଆସିବାକୁ କହି, ଫେରିଲେ ତୋ ଲାଗି ଶାଢ଼ି ଆଣିବି କହିଲି, ସେ ବି ଭାରି ମୁହଁ ଖୋର୍ ସଙ୍ଗେ ସଙ୍ଗେ କହିଲା ନା ମା ଥାଉ, ସୁଜାତା ଦିଦି ଏବେ ୪ ଖଣ୍ଡ ଭଲ ଲୁଗା ଦେଇଛନ୍ତି, ତାକୁ ମୁଁ ବାହା-ବଜାର ଗଲେ ପିନ୍ଧୁଛି। ଆପଣ ଯେଉଁ ଲୁଗା ଦିଅନ୍ତି ସେ ଗୁଡା ବେଶିଦିନ ଘରେ ବି ପିନ୍ଧି ହୁଏନି। ମୁଁ ନିଜକୁ ହାରିବା ଦେଖି ପାରିବିନି, ତ ଛବିକୁ ଧମକଟେ ଦେଲି ଏତେ ଭଲ ସେ ଦିଦି ତ ମୋ ଘର ଓ ମୋ ଭଡାଟିଆଙ୍କ ଘର କାମ ଛାଡି ଦଉନୁ। ସେ ଗୋଡ କଚି ରୋଷେଇ ଘରକୁ ଚାଲିଗଲା। ସକାଳୁ ଆମେ ଦମ୍ପତି ବାହାରେ ବସି ଚାହା ପିଉ। ହେଲେ ଏ ତିନି ମାସରେ ସେ ଶହିଦ ଭବନ ରୁ ଭାସି ଆସୁଥିବା ରକମ-ରକମ ଫୁଲର ବାସ୍ନା ମତେ ଭାରି ଅଣନିଶ୍ୱାସୀ କରି ପକାଉଛି। ଥରେ ଥରେ ତ ତାଙ୍କ ପାଚେରୀ ପାରି ହେଇ ବାଇଗଣୀ ଅପରାଜିତା ଲତା ମୋ ଆଡେ ମାଡି ଆସନ୍ତି ତ ମୁଁ ସିଧା କଇଁଚି ଧରି କାଟି ସେ ଲତା ସବୁ ତାଙ୍କ ପଟକୁ ଫିଙ୍ଗିଦିଏ। ମୁଁ ବାସ୍ ଏସବୁ କରେ କି ସେ ସୁଜାତା ମୋତେ କିଛି କହୁ ଆଉ ମୁଁ ବିଜୟୀ ହେବାର ସ୍ୱାଦଟା ଚାଖେ। ହେଲେ ସେ ଆଉ ତାର ସେ ବୁଢ଼ା ବାପା କିଛି କୁହନ୍ତିନି ବରଂ ହାତ ଯୋଡି ଗଛକୁ କ୍ଷମା ମାଗନ୍ତି, ଗଛ ସହ କଥା ହୁଅନ୍ତି ସତେ କି ତାଙ୍କ ଛୁଆ। ମୋର ଶାଶୁଙ୍କ ଶ୍ରାଦ୍ଧ ଲାଗି ଜାନୁଆରୀ ଶେଷରେ ଗାଁକୁ ଯିବାଟା ଦଶ ବର୍ଷର ଗୋଟେ ରୁଟିନ୍। ଜାନୁଆରୀ ଶେଷ ଶେଷ ଆଉ ତାଙ୍କ ବଗିଚା ଥଣ୍ଡା ପାଗରେ ବେଶ୍ ଫୁଲ ମୟ।

ହେଲେ ଆଜି ୧୦ ଦିନ ପରେ ଫେରି ତା' ବଗିଚା ଅବସ୍ଥା ଦେଖି ବେଶ୍ ଖୁସି ହେଲି। ସନ୍ଧ୍ୟା ଟା ଦେଇସାରି ଛବିକୁ ଫୋନ୍ କଲି ସେ ତୋ ସୁଜାତା ଦିଦି କୁଆଡେ ଗଲେ କି ? ଆଉ ତୁ କ'ଣ ତା' ବଗିଚା ଦେଖା ଶୁଣା କରୁନୁ କି ? ସେ ବହୁ କଷ୍ଟରେ କହିଲା ମା' ମୋ ଦେହ ବହୁତ ଖରାପ, ସୁଜାତା ଦିଦି ଆଉ ତାଙ୍କ ବାପା ଦିଲ୍ଲୀ ଯାଇଛନ୍ତି ବୋଲି କହିଥିଲେ। ମୁଁ ତା କଥା ଅଧାରେ, ରଖି କହିଲି ହଁ ଦିଲ୍ଲୀ ପ୍ରଧାନ ମନ୍ତ୍ରୀ ଡାକିଥିବେ ତାକୁ ଏମିତି ପାର୍କଟେ କରିଛି ବୋଲି ! ହୁଁ ଗାଁକୁ ଯାଇଥିବ, ଲାଜ ଲାଗିବ ବୋଲି ଦିଲ୍ଲୀ କହିଛି, ହଉଛାଡ ତୁ କାଲିଠାରୁ ଆସିଯିବୁ ମୁଁ ଫେରି ଆସିଲିଣି।

ହଠାତ୍ ମୋ ସ୍ୱାମୀ ପାଟି କରି ଡାକିଲେ ଏ ମାନସୀ ଜଲଦି ଆସ, ନିଉଜ ଦେଖ..... ଦେଖ.....ମୁଁ ଅନିଚ୍ଛାରେ ଗଲି, ନିୟୁଜ୍‌ର ଭଲ୍ୟୁମଟା ବଢ଼ାଇ ଦେଲେ ସେ। ଆରେ ଏ କ'ଣ ରାଷ୍ଟ୍ରପତି ଭବନର କ'ଣ ଗୋଟେ ପ୍ରୋଗ୍ରାମ, ଏଁ ଆଗ ଧାଡିରେ କ'ଣ ସେ ସୁଜାତାର ବୁଢ଼ା ବାପା ହ୍ୱିଲ୍ ଚେୟାରରେ ! ମୁଁ ଲଥ୍ କିନା ବସିଗଲି, କାନରେ ଠାଏ ଠାଏ ବାଜୁଥାଏ ଓଡିଶା ମାଟି ଗର୍ବିତ ମେଜର ମନୋଜ ମହାନ୍ତିଙ୍କୁ ପାଇ। ଦେଶ ଲାଗି ଲଢ଼ି ସେ ବମ୍ବେଠାରେ ହୋଇଥିବା ସନ୍ତ୍ରାସବାଦୀଙ୍କ ଗୁଳିମାଡରେ ଟଳିପଡିଲେ, ବାପ-ମାଙ୍କ ଏକମାତ୍ର ପୁଅ, ବାସ୍ ତିନି ମାସର ବୈବାହିକ ଜୀବନ, ସବୁ ପଛରେ ପକାଇ ମେଜର ମନୋଜ ଦେଶ ଲାଗି ଶହିଦ୍ ହୋଇଗଲେ, ଯାହାଙ୍କ ତ୍ୟାଗ ଯୋଗୁ ବମ୍ବେର ଅନେକ ବଡ ବଡ ଧ୍ୱଂସ ହେବାରୁ ରକ୍ଷା ପାଇଗଲା, ତାଙ୍କର ଧର୍ମପତ୍ନୀ ସୁଜାତା ମହାନ୍ତିଙ୍କୁ ରାଷ୍ଟ୍ରପତି ତାଙ୍କ ସ୍ୱାମୀଙ୍କ ପରମବୀର ଚକ୍ର ପ୍ରଦାନ କରୁଛନ୍ତି। ମୋ ଆଖିରୁ ଲୁହ ଝରିବାକୁ ଲାଗିଲା, ସୁଜାତା ମଠା ଶାଢ଼ୀ ସେମିତି ଠାକୁରାଣୀ ପରି ଚେହେରା, ନିର୍ବିକାର ନା ହସ ନା କାନ୍ଦ ରାଷ୍ଟ୍ରପତିଙ୍କଠାରୁ ସ୍ୱାମୀଙ୍କ ଲାଗି ଏତେବଡ ପୁରସ୍କାର ଗ୍ରହଣ କରୁଥିଲା, ଟିଭି ବାଲା ବି ଜୁମ୍ କରି ତା' ମୁହଁ ଆଡେ କ୍ୟାମେରା ଟା କରିଦେଲେ, ତା' ଆଖି ଯେମିତି ମୋ ଆଖିରେ ମିଶି ଯାଉଥାଏ, ଯେମିତି ଏ ଆଖି ମୋତେ ଅନେକ ପ୍ରଶ୍ନ ପଚାରୁଛି, ମୁଁ ଭୋ ଭୋ କି କାନ୍ଦିବାକୁ ଲାଗିଲି, ମୋ ସ୍ୱାମୀ ହତବାକ୍ ହେଇ ପଚାରୁଥିଲେ କ'ଣ ହେଲା ମାନସୀ ? ମୁଁ ସେମିତି କାନ୍ଦି କାନ୍ଦି କହୁଥିଲି ଆମ ନାତି ଯେଉଁ ସ୍କୁଲରେ ପଢୁଛି, ସେ ସ୍କୁଲକୁ ସନ୍ତ୍ରାସବାଦୀଙ୍କ କବଳରୁ ଏଇ ମେଜର ମନୋଜ ହିଁ ରକ୍ଷା କରିଥିଲେ। ସେ ମରି ମୋ ନାତି ପରି କେତେ ଛୁଆଙ୍କୁ ଜୀବନ ଦେଲେ। ଧିକ୍ ମୋ ଜୀବନ, ମାତ୍ର ତିନିମାସର ବିବାହିତା ଗୋଟେ ଶହିଦ୍‌ର ବିଧବା ଆଉ ଶ୍ୱଶୁରଙ୍କ ଦାୟିତ୍ୱ ନେଇ ବାସ୍ ନିଜ ଗଛ ଲତାକୁ ନିଜ ଛୁଆ ଭଳି ସ୍ନେହ ବାଢୁଛି, ବାସ୍ ନିଜ ଭିତର ଦୁଃଖକୁ ରଙ୍ଗ ବେରଙ୍ଗ ଫୁଲ ବଗିଚାରେ ଭରି ସେ ତା ଜୀବନର ବେରଙ୍ଗତାକୁ ଲୁଚାଇ ଚାଲିଥିଲା ଆଉ ମୁଁ କେତେ ନିଚ କଥା ସବୁ ଛି....ଛି.....

ବାସ୍ ସକାଳୁ ଉଠି ଆଉ ଚା ନ କରି ମୋ ସ୍ୱାମୀଙ୍କୁ ଡାକିଲି ଆସ, ସେ ପଚାରିଲେ କୁଆଡେ ? ଶହିଦ୍ ଭବନକୁ ସେ ନ ଫେରିବା ଯାଏଁ, ଆମ ପାଣି ପାଇପ୍‌ଟା ପାଚେରୀ ପାରକରି ବଗିଚାକୁ ଜୀବନ ଦେବା। ମୋ ସ୍ୱାମୀ ତାଟକା... ତଥାପି ଚାଲିଲେ। ମୁଁ ଗଛଗୁଡିକୁ ପାଣି ଦେବାରେ ଲାଗିଲି, ମନେମନେ କହୁଥିଲି ଏ ଶହିଦ୍ ଭବନରେ ଆଉ ଗୋଟେ ଲତାକୁ ବି ମରିବାକୁ ଦେବିନି, ସେତିକି ବେଳେ ଛବି ଆସିଲା, ଆରେ ମା' ଏ କ'ଣ ଆପଣ ଠିକ୍ ଅଛନ୍ତି ତ ? ତାକୁ କହିଲି ହଁ ଏବେ ଠିକ୍ ଅଛି, ଆଗରୁ ସେ ପ୍ରହେଳିକା କାଲି ମୋ ଆଖିରୁ ଲୁହ ହେଇ ବୋହି ଯାଇଛି, ଆ' ତୁ ବି ଲାଗିପଡ, ଘର କାମ ପରେ ହେବ। ଏ ଶହିଦ୍ ଭବନ ସବୁ ବେଳେ ଫୁଲ, ପତ୍ର, ରଙ୍ଗ, ବାସ୍ନାରେ ଭରି ରଖିବା ଦାୟିତ୍ୱ ଆମର.......

—ଅନାମିକା ଦାସ
*ପ୍ରଶାସନିକ ଅଧିକାରୀ, ଭାରତ ସ୍କାଉଟସ୍ ଏବଂ ଗାଇଡସ୍, ଭୁବନେଶ୍ୱର, ଓଡିଶା, ମୋ-୭୦୦୮୩୯୬୬୫୪, Mail ID: anamikaorissa91@gmail.com*

# ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥର ଶୁଭାରମ୍ଭ



ବାଲେଶ୍ୱର (ପିଏନ୍)- ଶିଶୁ ଶ୍ରମ ନିରାକରଣ, ଶିଶୁମାନଙ୍କ ଅଧିକାର ଏବଂ ବେଆଇନ ଭାବେ ଶିଶୁଙ୍କୁ କାର୍ଯ୍ୟରେ ନିୟୋଜନ ପାଇଁ ଆଇନରେ ରହିଥିବା ଦଣ୍ଡ ବ୍ୟବସ୍ଥା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏକ "ଶିଶୁ ଶ୍ରମିକ ନିରାକରଣ ସଚେତନତା ରଥ" ଆଜି ପୂର୍ବାହ୍ନରେ ସ୍ଥାନୀୟ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରୁ ଯାତ୍ରା ଆରମ୍ଭ କରିଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି । ଓଡିଶା ସରକାରଙ୍କ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ, ବାଲେଶ୍ୱର ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗର ମିଳିତ ଆନୁକୂଲ୍ୟରେ ଶିଶୁ ଶ୍ରମିକ ଉଚ୍ଛେଦ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହି ରଥ ଜିଲ୍ଲାର ବିଭିନ୍ନ ସହରାଂଚଳ ଓ ବ୍ଲକ ଗସ୍ତ କରି ଲୋକମାନଙ୍କୁ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କରେ ସଚେତନ କରିବ । ୧୪ ବର୍ଷ ପୂର୍ଣ୍ଣ କରି ନ ଥିବା ଶିଶୁଙ୍କୁ କୌଣସି ପ୍ରକାର ବୃତି ଏବଂ ପ୍ରକ୍ରିୟାରେ ତଥା ୧୫ ବର୍ଷରୁ ୧୮ ବର୍ଷ ବୟସର କିଶୋରଙ୍କୁ ବିପଦସଙ୍କୁଳ ବୃତି ଓ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତବ୍ୟ ଅପରାଧ ହୋଇଥିବା ବେଳେ ଏପରି ନିୟୋଜନ କରିଥିବା ବ୍ୟକ୍ତିଙ୍କୁ ୫୦ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହ କାରାଦଣ୍ଡ ପାଇଁ ଆଇନରେ ବ୍ୟବସ୍ଥା ରହିଛି । କିଛି ଦିନର ସଚେତନତା କାର୍ଯ୍ୟକ୍ରମ ପରେ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନ, କାର୍ଯ୍ୟାଳୟ ଏବଂ ଅନ୍ୟାନ୍ୟ ଅଂଚଳରେ ଚଢଉ ଆରମ୍ଭ କରାଯାଇ ଜିଲ୍ଲାରେ ଶିଶୁ ଶ୍ରମିକଙ୍କ ବାସ୍ତବିକ୍ ସ୍ଥିତିର ଆକଳନ କରାଯିବା ସହିତ ଆଇନ ଉଲ୍ଲଘଂନ କ୍ଷେତ୍ରରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଭାଗୀୟ ଶ୍ରମ ଆୟୁକ୍ତ ଶ୍ରୀ ଅଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଏହି ଅବସରରେ ଆମ ଜିଲ୍ଲା ତଥା ରାଜ୍ୟକୁ ଶିଶୁ ଶ୍ରମ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତୀ ସମସ୍ତଙ୍କ ସହଯୋଗ କାମନା କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀ ବୃନ୍ଦାବନ ସେଠୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତାମାନଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀମାନେ ଆଜିର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ୫-ଟି ଯୋଜନାରେ ବଦଳୁଛି ସ୍କୁଲର ନକ୍ସା, ସୁଦୃଢ ହେଉଛି ଶିକ୍ଷା ବ୍ୟବସ୍ଥା



ଧର୍ମଶାଳା (ପିଏନ୍): ବିଦ୍ୟାଳୟଗୁଡିକର ଭିତିଭୂମିକୁ ସୁଦୃଢ଼ କରିବା ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୫-ଟି ମାଧ୍ୟମରେ ସବୁ ପ୍ରକାର ବ୍ୟବସ୍ଥା କରୁଛନ୍ତି। ଏହି ୫-ଟି ମାଧ୍ୟମରେ ରୂପାନ୍ତରିତ ସ୍ମାର୍ଟ କ୍ଲାସ ରୁମରେ ବସି ପାଠ ପଢ଼ିବା ସହିତ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରୁଛନ୍ତି ଛାତ୍ରଛାତ୍ରୀ। ଧର୍ମଶାଳା ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ୬ଟି ହାଇସ୍କୁଲ ରୂପାନ୍ତରଣ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫ଗୋଟି ବିଦ୍ୟାଳୟର ରୂପାନ୍ତରଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଂଚିଛି। ଚକାଚକ୍ କ୍ଲାସ ରୁମ୍। ରୂପାନ୍ତରିକରଣ ପରେ ବଦଳୁଛି କ୍ଲାସ ରୁମର ନକ୍ସା। ଛାତ୍ରଛାତ୍ରୀମାନଙ୍କ ପଢିବା ପାଇଁ ସୁନ୍ଦର ବେଂଚ୍ ଓ ଡେକ୍ସର ବ୍ୟବସ୍ଥା ସହ ଅତ୍ୟାଧୁନିକ ଜ୍ଞାନ କୌଶଳର ବିନିଯୋଗ ହୋଇଛି। ଏହି ଯୋଜନାରେ ଧର୍ମଶାଳା ବ୍ଲକ ଜାରକା ପଂଚାୟତର ଅମରେଶ୍ୱରୀ ଉଚ୍ଚ ବିଦ୍ୟାଳୟ ସୁନ୍ଦର ପରିବେଶ ସାଙ୍ଗକୁ ଶିକ୍ଷା ପ୍ରତି ପିଲାମାନଙ୍କୁ ଆକୃଷ୍ଟ କଲା ଭଳି ବ୍ୟବସ୍ଥାକରାଯାଇଛି । ଏଠାରେ ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି ପାଇଁ ସ୍ମାର୍ଟ କ୍ଲାସ ରୁମ, ଇ-ଲାଇବ୍ରେରୀ, ଅତ୍ୟାଧୁନିକ ଲ୍ୟାବ, କମ୍ପ୍ୟୁଟର ହଲର ବ୍ୟବସ୍ଥା ହୋଇଛି। ଡିଜିଟାଲ ବୋର୍ଡରେ ପାଠପଢି ସ୍ମାର୍ଟ ହେଉଛନ୍ତି ଛାତ୍ରଛାତ୍ରୀ। ନୂଆ ରୂପରେ ହାଇସ୍କୁଲ ଝଲସୁଥିବା ବେଳେ କ୍ଲାସ ରୁମରେ ଅତ୍ୟାଧୁନିକ ବ୍ୟବସ୍ଥାକୁ ଦେଖି ଖୁସି ଜାହିର କରିଛନ୍ତି ଛାତ୍ରଛାତ୍ରୀ। ରାଜ୍ୟ ସରକାରଙ୍କ ଏଭଳି ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରୁଛନ୍ତି ଅଧ୍ୟୟନରତ ଛାତ୍ରଛାତ୍ରୀ, ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଭିଭାବକ। ବିଦ୍ୟାଳୟରେ କେବଳ ପାଠପଢା ନୁହେଁ ଏହି ବ୍ୟବସ୍ଥାରେ ଆନୁସଙ୍ଗିକ ଉପକରଣ ସହ ଶାରିରୀକ ଶିକ୍ଷା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ବିଭିନ୍ନ ସ୍କୁଲର ରୂପାନ୍ତରଣ କାର୍ଯ୍ୟ ବୁଲି ଦେଖିବା ସହିତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଛନ୍ତି।

# ମହିଳାମାନଙ୍କ ରୋଜଗାରର ମାଧ୍ୟମ ସାଜିଛି ଧୂପକାଠି



ଖୋର୍ଦ୍ଧା (ପିଏନ)- ବୋଲଗଡ ବ୍ଲକ ଗେଡିଆପଲ୍ଲୀ ପଂଚାୟତ ଅନ୍ତର୍ଗତ ସାଲତରା ଗ୍ରାମରେ ୨୦୧୮ ମସିହାରୁ ଯାଜ୍ଞସେନୀ ପ୍ରଡ୍ୟୁସର ମହିଳା ଗ୍ରୁପ ଓରମାସ ସହଯୋଗରେ ଭଡାଘରେ ଧୂପକାଠି ତିଆରି କରି ମହିଳାଙ୍କୁ ଆତ୍ମନିର୍ଭରଶୀଳ କରି ପାରିଛି । ଯାହାକି ୬ ଟି ମେସିନରେ ୩୦ ଜଣ ମହିଳା ସିଫ୍ଟ ଅନୁଯାଇ ଦିନକୁ ୩ କ୍ୱିଂଟାଲ ଧୂପକାଠି ବାହାର କରି ଖରାରେ ଶୁଖାଇ ଝୁଣା, ଗୁଗୁଳ, କସ୍ତୁରୀ ଓ ଚନ୍ଦନ ବତୀ କରି ବିଭିନ୍ନ ଓଜନର ପ୍ୟାକେଟ ପ୍ରସ୍ତୁତ କରିଥାନ୍ତି। ଏହା ଅଧକିଲୋ ପ୍ୟାକେଟରେ ୫ଶହ ଧୂପକାଠିକୁ ୧ ଶହ ଟଙ୍କାରେ ବିକ୍ରୀ କରିଥା'ନ୍ତି। ଏହି ବତୀଗୁଡିକ ନିର୍ମାଣରେ ବ୍ୟବହୃତ ହେଉଥିବା କଂଚାମାଲ ଯଥା: ବାଉଁଶକାଠି,କୋଇଲା ଗୁଣ୍ଡ (ଚାର୍ପୁଲ) ଓ ଉଡ ପାଉଡର ଦି ଗ୍ରେଡ(ଜୋଶ ପାଉଡର)କୁ କଟକ ଜିଲ୍ଲା ଜଗତପୁରଠାରୁ ଆଣିଥାନ୍ତି। ଏହା କମ ଦରରେ ଅଧିକ କାଠି ରହିଥିବାରୁ ବିଭିନ୍ନ ବ୍ୟବସାୟୀମାନେ କିଣିନେଇଥାନ୍ତି। ଏତଦ୍‌ବ୍ୟାତୀତ ବିଭିନ୍ନ ଜିଲ୍ଲାରେ ହେଉଥିବା ଓରମାସର ପଲ୍ଲିଶ୍ରୀ ମେଳାରେ ଯୋଗଦେଇ ବିକ୍ରୀ କରିଥାନ୍ତି ବୋଲି ସଭାପତି ଝରଣା ଦଳେଇ ଓ ସମ୍ପାଦକ ସୁଶ୍ରୀ ସଙ୍ଗୀତା ନାୟକ କହିଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଅଧିକ ସହଯୋଗ ମିଳିବ ତେବେ ନିଯୁକ୍ତିର ହାର ବଢିବା ସହ ଉତ୍ପାଦନ ଶକ୍ତି ବଢିପାରିବ ବୋଲି ସେମାନେ ଆଶା କରିଛନ୍ତି।

# କନକମଂଜରୀ ମହାବିଦ୍ୟାଳୟରେ ଉତ୍ତର କହିଛନ୍ତି ଅଧାପକ



ଘଷିପୁରା (ପିଏନ୍): ଆନନ୍ଦପୁର ଉପଖଣ୍ଡ ଶାଳପଡା ସ୍ଥିତ କନକ ମଂଜରୀ ମହିଳା ମହାବିଦ୍ୟାଳୟରେ ଯୁକ୍ତଦୁଇ ପରୀକ୍ଷା ଚାଲିଥିଲା ଏବଂ ଏହା ହୋଇଥିଲା ଏକ ହବ୍ ସେଣ୍ଟର ଯେଉଁଠି କି ପରୀକ୍ଷାର୍ଥୀଙ୍କୁ ଉତ୍ତର ଡାକି ଦେଇଥିଲେ ଅଧାପକ । ଏଭଳି ଏକ ସଙ୍ଗୀନ ଅଭିଯୋଗ ଇ ମେଲ ଦ୍ୱାରା ଶିକ୍ଷା ବିଭାଗକୁ ଜଣାଇଛନ୍ତି ଜଣେ ଅଭିଭାବକ ଅଳୀ ପ୍ରଧାନ । ଅଭିଯୋଗକାରିଣୀ ଅଳୀ ପ୍ରଧାନଙ୍କ ଝିଅ କହିବା ଅନୁସାରେ କଲେଜରେ ସିସିଟିଭି ଲାଗିଥିବା ସତ୍ତ୍ୱେ ଅଧାପକମାନେ ଉତ୍ତର ଡାକି ଦେଉଥିଲେ। ଫଳରେ ସେମାନେ ୧୫ଜଣ ଝିଅ ଯୁକ୍ତଦୁଇ ପରୀକ୍ଷା ଦେଉଥିବା ବେଳେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ସେହି ୧୫ ଝିଅ ଅଧକ୍ଷ ଶ୍ରୀ ପ୍ରଦୀପ ମହାନ୍ତିଙ୍କୁ ଯାଇ ଅନୁରୋଧ କରିଥିଲେ ଏବଂ ସେହି ୧୫ଜଣ ଝିଅଙ୍କୁ ଅଲଗା ଗୋଟିଏ ରୁମ୍‌ରେ ପରୀକ୍ଷା କରାଇବାକୁ କହିଥିଲେ। କାରଣ ଏଭଳି ଉତ୍ତର ଡାକିଲା ବେଳେ ସେମାନଙ୍କର ଏକାଗ୍ରତା ଭଙ୍ଗ ହେଉଥିଲା । ଅଧକ୍ଷ ଶ୍ରୀ ମହାନ୍ତି ସେହି ଛାତ୍ରୀମାନଙ୍କ କଥାକୁ ଭ୍ରୁକ୍ଷେପ ନକରିବାରୁ ସେହି ୧୫ଜଣ ଛାତ୍ରୀ ଶିକ୍ଷା ବିଭାଗକୁ ଇମେଲ ଜରିଆରେ ଅଭିଯୋଗ କରିଥିବା ଜଣାପଡିଛି ।

# ଝୁମ୍ପୁରା ପଂଚାୟତ ସମିତିର ବୈଠକ ଅନୁଷ୍ଠିତ



କେନ୍ଦୁଝର (ପିଏନ୍): ଝୁମ୍ପୁରା ପଂଚାୟତ ସମିତି କାର୍ଯ୍ୟାଳୟରେ ନିକଟରେ ଅନୁଷ୍ଠିତ ହୋଇଯାଇଛି ପଂଚାୟତ ସମିତିର ବୈଠକ। ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପାଟଣା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସଦର ବିଧାୟକ ମୋହନଚରଣ ମାଝୀ, ସ୍ଥାନୀୟ ବିଡିଓ ବିଜୟ କୁମାର ନାୟକ, ବ୍ଲକ ଉପାଧକ୍ଷ ମାନସରଂଜନ ବିଶ୍ୱାଳ, ଏବିଡିଓ ଚୁନୁ ହାଁସଦାଃ, ସହକାରୀଯନ୍ତ୍ରୀ କୃଷ୍ଣଚନ୍ଦ୍ର ସାହୁ , ବ୍ଲକ ସ୍ତରୀୟ ସମସ୍ତ କନିଷ୍ଠ ଯନ୍ତ୍ରୀ, ଶିଶୁବିକାଶ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ, ଉଦ୍ୟାନ ବିଭାଗ, କୃଷି ବିଭାଗ,ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଶିକ୍ଷା ବିଭାଗ, ବିଦ୍ୟୁତ ବିଭାଗର ଅଧିକାରୀ ଗଣ ଉପସ୍ଥିତ ରହିଥିଲେ। ବୈଠକରେ ଝୁମ୍ପୁରା ବ୍ଲକର ୨୨ଗୋଟି ଗ୍ରାମ ପଂଚାୟତର ସରପଂଚ, ସମିତି ସଭ୍ୟ/ସଭ୍ୟାଙ୍କ ସହିତ ୩ଟି ଜୋନର ଜିଲା ପରିଷଦ ସଭ୍ୟ ଯୋଗ ଦେଇଥିଲେ । ବୈଠକରେ ମନରେଗା ଏବଂ ଗ୍ରାମାଂଚଳରେ ପାନୀୟ ଜଳ ସମସ୍ୟା ନେଇ ଉଦ୍‌ବେଗ ପାଇଥିବା ବେଳେ ଅଙ୍ଗନବାଡୀ କେନ୍ଦ୍ରଗୁଡିକରେ ନିୟମିତ ଖାଦ୍ୟ ଏବଂ ସଠିକ୍ ପରିମାଣ ଅଣ୍ଡା ଦିଆଯାଉ ନଥିବା ଅଭିଯୋଗ ହୋଇଥିଲା । ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା,ଭତା ସମ୍ପର୍କିତ ବିଭିନ୍ନ ପଂଚାୟତ ପ୍ରତିନିଧିଙ୍କ ସମସ୍ୟାଗୁଡିକ ଉପରେ ସବିଶେଷ ଆଲୋଚନା କରାଯାଇ ସମାଧାନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ପ୍ରସ୍ତାବ ଗୃହିତ ହୋଇଥିଲା ।

सं गच्छध्वं सं वदध्वं सं वो मनांसि जानताम् ।
ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜୁଲାଇ ୦୫

# ସାମାଜିକ ମୂଲ୍ୟବୋଧ/ଜ୍ଞାନ



ସମାଜ କହିଲେ ଏକ ବ୍ୟାପ୍ତ ପରିସର ଯାହା ଅସଂଖ୍ୟ ଚରିତ୍ରକୁ ନେଇ ଗଠିତ । ସେହି ଅସଂଖ୍ୟ ଚରିତ୍ରର ଭିନ୍ନତା ମଧ୍ୟରେ ଏକତା ସୃଷ୍ଟି କରି ବଂଚିବା ପ୍ରଣାଳୀକୁ ସମାଜ ବୋଲି କୁହାଯାଏ । ଏହା କେବଳ ମଣିଷ ଦ୍ୱାରା ହିଁ ସମ୍ଭବ ହୋଇ ପାରିଛି, କାରଣ ମଣିଷର ସ୍ମରଣ ଶକ୍ତି ଅତି ପ୍ରଖର ଯାହା ଅନ୍ୟାନ୍ୟ ଜୀବ ଜଗତରେ ଦେଖିବାକୁ ମିଳୁନାହିଁ । ହେଲେ ମଣିଷ ଏହି ସଭ୍ୟ ସମାଜ ଗଠନ ଦିଗରେ ନିଜକୁ ପ୍ରୟାଶରତ ରଖି କେତେଯେ ପରିମାର୍ଜିତ ଜ୍ଞାନ ବିତରଣ କରୁଛି ସେସବୁ ସମୟ ସ୍ରୋତର ଗୋଟିଏ ଗୋଟିଏ ନିଦର୍ଶନ ମାତ୍ର । ସମୟ ସ୍ରୋତରେ ମଣିଷ ନିଜର ଭାବଧାରା, ଜୀବନ ଶୈଳୀ, ଚରିତ୍ର ଇତ୍ୟାଦି ପରିମାର୍ଜିତ କରିବା ସହିତ ସାମୁହିକ ବିଚାରଧାରାକୁ ସାଙ୍ଗଠନିକ ମନୋଭାବ ପ୍ରଦର୍ଶନ ପୂର୍ବକ ଗଠିତ ମଣିଷ ସମାଜର ଉପସ୍ଥିତ ରୂପରେଖ ଆମେ ସମସ୍ତେ ଦେଖୁଛେ । ଅଧିକନ୍ତୁ ଭୂତ ସମୟର ଜୀବନ ଚରିତ୍ର ତଥା ସାମାଜିକ ରୀତିନୀତିଗୁଡିକ ଉପରେ ବିଶଦ୍ ଜ୍ଞାନ ପାଇବା ସହିତ ଆସନ୍ତା ସମୟରେ ଆମ ସାମାଜିକ ସ୍ଥିତି କ'ଣ ହେବାକୁ ଯାଉଛି କିଂଚିତ ଅନୁମାନ କରିହେଉଛି ବର୍ତ୍ତମାନକୁ ଦେଖିଲେ ଯାହା ପ୍ରାୟତଃ ସମସ୍ତଙ୍କୁ କିଛି ମାତ୍ରାରେ ବୁଝୁଥିବ ବୋଲି ଆମର ଅନୁମାନ ।

ସାମାଜିକ ପରିଚାଳନା ଜ୍ଞାନ ତଥା ସାମାଜିକ ରୀତିନୀତିଗୁଡ଼ିକୁ ନିଜସ୍ୱ ଭାବଧାରା ମଧ୍ୟରେ ରଖି ସମସ୍ତଙ୍କ ସହିତ ସମାନ୍ତରାଳ କରି ଚାଲିବା ସମସ୍ତ ମଣିଷଙ୍କ ପାରିପାର୍ଶ୍ୱିକ ଶୈକ୍ଷିକ ଚରିତ୍ର । ସେହି ଚରିତ୍ର ମଧ୍ୟରେ କେତେକ ଜନ୍ମଗତ ଚରିତ୍ର ପ୍ରବାହ ପୂର୍ବକ ସଭ୍ୟ ସମାଜର ନୀତି ଗୁଡିକୁ ଅବମାନନା ପୂର୍ବକ ପ୍ରତ୍ୟାଖ୍ୟାନ କରୁଥିବା ମଣିଷ ମଧ ଦେଖିବାକୁ ମିଳନ୍ତି ଅନେକ କ୍ଷେତ୍ରରେ । ସାମାଜିକ ନୀତି, ରୀତି ଗୁଡିକ ସମସ୍ତଙ୍କୁ ସୁହାଇଲା ଭଳି ପ୍ରସ୍ତୁତ କରାଯାଇ ଅନିଚ୍ଛା ସତ୍ତ୍ୱେ ସମସ୍ତେ ସେହି ଧାରାରେ ବନ୍ଧା ହୋଇ ଜୀବନ ଅତିବାହିତ କରିବା ଶିରୋଧାର୍ଯ୍ୟ କରିବାକୁ ପଡିଥାଏ କୌଣସି ଏକ ସମାଜରେ ବଂଚିବାକୁ ହେଲେ । ଅନେକ ସମୟରେ ସେଗୁଡିକର ବିପରୀତେ କାର୍ଯ୍ୟକ୍ଷମ ମଣିଷ ମଧ ଦେଖିବାକୁ ମିଳନ୍ତି ଯାହାଙ୍କ ପାଇଁ କେତେକ ଦଣ୍ଡ ବିଧାନର ପ୍ରାବଧାନ ରହିଥାଏ ସମାଜରେ । ସମାଜର ସେହି ଆଇନ ତଥା ଅସାମାଜିକ ଚରିତ୍ର ପ୍ରବାହଜନିତ ଦଣ୍ଡକୁ ସ୍ୱୀକାର କରିବା ଜଣେ ସାଧାରଣ ନାଗରିକର ସର୍ବାଦୌ କର୍ତ୍ତବ୍ୟ ହୋଇଥାଏ । ଅଧିକନ୍ତୁ ସେଗୁଡିକୁ ଉପଯୁକ୍ତ ମାନ୍ୟତା ଦେଇ ସ୍ୱୀକାର କରିବା ଏବଂ ତାହାର ପ୍ରଚାର, ପ୍ରସାର କରି ନୂତନ ଆଗନ୍ତୁକଙ୍କୁ ପ୍ରେରଣା ଯୋଗାଇବା ଜଣେ ସଭ୍ୟ ମଣିଷର କର୍ତ୍ତବ୍ୟ ହେବା ନିତାନ୍ତ ବିଧେୟ ।

ଉପସ୍ଥିତ ସମୟର ସାମାଜିକ ରୀତିନୀତିଗୁଡିକ ଉପରେ ବିଶଦ ବ୍ୟାଖ୍ୟା କରିବା କୌଣସି ଆବଶ୍ୟକ ନୁହେଁ, କାରଣ ସମସ୍ତେ ତାହା ସହିତ କୌଣସିମତେ ଜଡିତ ରହି ସବୁ ବୁଝୁଥିବେ । ସାମାଜିକ ନିୟମ ତଥା ତାହାର ସଦୁପଯୋଗ କରାଯିବା ବିପରୀତେ ସାମାଜିକ ଜ୍ଞାନ, ଭାବଧାରାକୁ ପଛରେ ପକାଇ କୌଣସି ଉପାୟରେ ନିଜସ୍ୱ ସ୍ୱାର୍ଥ ହାସଲ କରିବା ପାଇଁ ସମସ୍ତ ଚେଷ୍ଟା କରିବା ସହିତ ନିଜର ତଥା ରାଷ୍ଟ୍ରର କ୍ଷତି ସାଧନ କରୁଥିବା ମଣିଷଙ୍କ ବିଷୟରେ ବ୍ୟାଖ୍ୟା ନକରିବା ଭଲ । କାରଣ କେତେଜଣ ସେଇଥିରୁ ବାଦ୍ ପଡ଼ିଥିବେ ସମସ୍ତେ ଜାଣନ୍ତି । ବଡ ଦୁଃଖର ବିଷୟ ଏହାଯେ ନିଜ ହାତରେ ଗଠନ କରିଥିବା ସାମୂହିକ ସମାଜକୁ ଆମେ ସମସ୍ତେ ମିଳିମିଶି ଉଜାଡ଼ି ଦେବାରେ ତିଳେହେଲେ ଦ୍ୱିଧା ଅନୁଭବ ହେଉନାହିଁ କାହାର ?!! ସାମାଜିକ ଭାବଧାରାଗୁଡ଼ିକର ମୂଲ୍ୟାୟନ କରିବା କିମ୍ବା ସମ୍ପୂର୍ଣ୍ଣ ଜ୍ଞାନ ଆହରଣ କରି ଦିନକୁ ଦିନ ପରିମାର୍ଜିତ କରିବା ବିପରୀତେ କଳୁଷିତ କରିଚାଲିଥିବା ଆମ ଭାବଧାରାର ଭବିଷ୍ୟତ କ'ଣ ଭାବୁନାହାନ୍ତି କେହି । ନିଶ୍ଚିତ ଭାବେ ଏହା ଏକ ଅମାନୁଷିକ ବିଚାର ଯାହା ଦିନକୁ ଦିନ ମଣିଷ ସମାଜର ଅବନତି ଦିଗରେ କାର୍ଯ୍ୟକ୍ଷମ ହେବାରେ ଲାଗୁଛି । ତେଣୁ ସାମାଜିକ ବ୍ୟବସ୍ଥାର ଶୀର୍ଷ କ୍ଷେତ୍ରରେ ରହିଥିବା ସମସ୍ତ ମଣିଷ ଏହାର ପୁନରୁଦ୍ଧାର ଦିଗରେ ଚେଷ୍ଟିତ ହେବା ଆବଶ୍ୟକତା ରହିଛି ଆଜି ସମୟରେ । ଅତ୍ୟନ୍ତ ଦୁଃଖର ସହିତ ପ୍ରକାଶ କରାଯିବା ଅର୍ଥ ଏହାଯେ ଯେଉଁ ମଙ୍ଗ ଧରି ସମଗ୍ର ମଣିଷ ସମାଜ ଅଗ୍ରଗାମୀ ହେଉଛି ସେହି ମଙ୍ଗରେ ଅବସ୍ଥାପିତ ମଣିଷଗୁଡିକ ଅତ୍ୟନ୍ତ ଅମାନୁଷିକ, ଅସାମାଜିକ ଆଚରଣ କରି ସମଗ୍ର ସମାଜକୁ ରସାତଳଗାମୀ କରିବାରେ ଯଥେଷ୍ଟ ସହାୟକ ହେଉଛନ୍ତି ଆଜି ସମୟରେ ।

ସାମାଜିକ ସଂସ୍କାର ପାଇଁ ପ୍ରୟାସରତ ବୋଲି ନିଜର ମିଥ୍ୟା ପ୍ରତିଭା ତଥା ଷଡ଼ଯାନ୍ତ୍ରିକ ପ୍ରବଚନ ଦେଇ ସାମାଜିକ ବ୍ୟବସ୍ଥାରେ ଅଧିଷ୍ଠିତ କ୍ରୁର ମଣିଷଗୁଡିକ ବିଷୟରେ କେତେକ ଲୋକଙ୍କୁ ବୁଝାପଡୁଥିଲେ ମଧ ଅଧିକାଂଶ ମଣିଷ ବୁଝିପାରୁ ନ ଥିବା ହେତୁ ଉପସ୍ଥିତ ସମୟର ସାମାଜିକ ସ୍ଥିତି ବିଷୟରେ ବିଶେଷ ବ୍ୟାଖ୍ୟା କରିବା କୌଣସି ଆବଶ୍ୟକ ନାହିଁ । ସତ୍ୟର ଆଢୁଆଳରେ ନିଜସ୍ୱ ସ୍ୱାର୍ଥ ଦିଗରେ ନିମଜ୍ଜିତ କଳୁଷିତ ମଣିଷମାନଙ୍କ ବିଚାରଧାରା ତଥା କାର୍ଯ୍ୟକ୍ଷମତାଗୁଡିକୁ ଉପଯୁକ୍ତ ସମୀକ୍ଷା ନକରି ମିଥ୍ୟା ମିଷ୍ଟଭାଷିତା ମଣିଷଙ୍କ ପ୍ରତି ନିର୍ବୋଧ ସହଯୋଗ କରିବାରେ ତିଳେହେଲେ ଦ୍ୱିଧା ନାହିଁ । ଅତ୍ୟନ୍ତ ନିରୀହ, ନିର୍ବିକାର, ନିଛନ୍ଦ ମଣିଷଙ୍କୁ ସାଧାରଣରେ ଲୋଭାସକ୍ତ କରାଇ ସେମାନଙ୍କ ଅର୍ଥକୁ ବାଟମାରଣା କରି ସାମାଜିକ ସ୍ଥିତି ଦୁର୍ବଳ କରୁଥିବା କୂଟଚକ୍ରୀଙ୍କ ଷଡ଼ଯନ୍ତ୍ରକୁ ବୁଝିବା ବିପରିତେ ସେମାନଙ୍କ ମିଥ୍ୟାବାଦୀ କୁହେଳିକାଗୁଡିକୁ ସମର୍ଥନ କରୁଥିବା ମଣିଷଙ୍କ ସ୍ଥିତି ଏକ ଭିନ୍ନ ସ୍ତରରେ! କିଏ କାହାକୁ କହି ବୁଝାଇବ, ସତ୍ୟକୁ ଉନ୍ମୋଚନ କରି ମିଥ୍ୟାକୁ ତିରସ୍କାର କରିବା ପରିବେଶ ନାହିଁ, ଯାହା କୂଟଚକ୍ରୀଙ୍କ ଷଡ଼ଯନ୍ତ୍ରର ପ୍ରତିଫଳନ ଦେଖିବାକୁ ମିଳୁଛି ଆମ ସମାଜରେ । ସେମାନଙ୍କ ଅଜ୍ଞ ଭାବଧାରା ସହିତ ନିଜକୁ ସଂଯୋଜିତ କରି ନିର୍ବୋଧ ବ୍ୟାପକ କ୍ଷତିଗ୍ରସ୍ତ ହେଉଥିଲେ ମଧ ଭବିଷ୍ୟତ ଭଲ ହେବାର ଆଶା ରଖି ଅତ୍ୟନ୍ତ ପ୍ରତାରିତ ହେଉଥିବା ବୁଝିପାରନ୍ତି ନାହିଁ ଅଜ୍ଞାନ ।

ଉତ୍ତମ ଚାରିତ୍ରିକ ମଣିଷମାନଙ୍କ ଭୂମିକା ଆଜିର ସମାଜରେ ଅତ୍ୟନ୍ତ ନିମ୍ନରେ । ସେମାନଙ୍କ ସାମାଜିକ ପ୍ରଭାବ କୌଣସି ପ୍ରକାରେ ନପଡ଼ି ବରଂ ସତ୍ୟବାଦୀ, ବାସ୍ତବବାଦୀଙ୍କ ବକ୍ତବ୍ୟ ଆଜି ନେପଥ୍ୟରେ କୋଳାହଳ ଭଳି ଶୁଭୁଛି ! ମିଥ୍ୟାବାଦୀଙ୍କ ପ୍ରହେଳିକାରେ ସମସ୍ତେ ମିଥ୍ୟାଚାରୀ ଭଳି ବଂଚିବା ଶିକ୍ଷା କରୁଛନ୍ତି ! ସାମାଜିକ ଚେତନା କାହାରି ମନରେ ଜାଗ୍ରତ ହେଉନାହିଁ । ଜାଗ୍ରତ ହେଉଥିବା ମଣିଷଙ୍କର ସମାଜରେ ସ୍ଥାନ ନାହିଁ ! ସାମାଜିକ ଚରିତ୍ରର ମୂଲ୍ୟବୋଧ ନାହିଁ! ସାମାଜିକ ଜ୍ଞାନ ଆହରଣ କରିବାର ଉତ୍ସ ନାହିଁ! ଆଗକୁ କ'ଣ କାହାର ବିଚାର ନାହିଁ! ଉପସ୍ଥିତ ସମୟକୁ ଧରି ନଚାଲିଲେ ବଂଚିବା ସମ୍ଭବ ନାହିଁ! ଏହି ଭାବଧାରାରେ ନିମଜ୍ଜିତ ମଣିଷଙ୍କ ସଂସ୍କାର ଦିଗରେ ପରିଚାଳିତ ହେବା ଭଳି ପରିବେଶ ନାହିଁ ! ଭବିଷ୍ୟତ ଯାହା ହେବ ସ୍ୱୀକାର୍ଯ୍ୟ ବୋଲି ଭାବୁଥିବା ମଣିଷଙ୍କ ସଂଖ୍ୟା ଯଥେଷ୍ଟ ଉର୍ଦ୍ଧରେ । ସାମାଜିକ ମୂଲ୍ୟବୋଧ/ଜ୍ଞାନ ଆହରଣ, ବିତରଣ କରିବା ପରିବେଶ ଅଭାବରୁ ସଚେତନ ଆଜି ମୂକ ଅବସ୍ଥାରେ । ଯାହା ହେବ ଦେଖି ନିଜ ଜୀବନକୁ ସୁରକ୍ଷିତ ରଖି ଅନ୍ୟର ଦୁଃଖରେ ଭାଗିଦାରୀତା କରିବାର କୌଣସି ପ୍ରେରଣା ନାହିଁ କି ଆକାଂକ୍ଷା ନାହିଁ । ଏମିତି ଆମରି ହାତରେ ଉଜାଡି ଦେଉଥିବା ଆମ ପୂର୍ବଜଙ୍କ ମଣିଷ ସମାଜକୁ ଉଦ୍ଧାର କରିବା ବିପରୀତେ ଉପସ୍ଥିତ ସମୟର ମିଥ୍ୟାବାଦୀଙ୍କ ପ୍ରରୋଚନାରେ ପ୍ରଚଳିତ ଆମର ମିଥ୍ୟାଚାରୀ ଜୀବନର ଅନ୍ତ କେଉଁଠି ବିଚାରଶୂନ୍ୟ ମଣିଷଙ୍କ ଭବିଷ୍ୟତ କ'ଣ ବୁଝିହେଉନାହିଁ । କିନ୍ତୁ ସାଧାରଣ ମଣିଷଗୁଡିକ ନିଜର ଜୀବନ ସନ୍ତୁଳନ ଦିଗରେ ଅଖଣ୍ଡ କର୍ତ୍ତବ୍ୟନିଷ୍ଠତା ସେମାନଙ୍କୁ ଭଲରେ ବଂଚିବାକୁ ଦେଉନଥିବା ବେଳେ ସାମାଜିକ ସ୍ଥିତି ପ୍ରତି ଆଗ୍ରହ ରହିବା କେତେ ସମ୍ଭବ ବୋଲି ଆମ ମନରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବା ବେଳେ ଆପଣଙ୍କ ବିଚାର କ'ଣ...??!!

**ପଙ୍କଜ କୁମାର ପାଣିଗ୍ରାହୀ,** ସୋସିଆଲ ଫୋରମ (ଭାରତ), ଛତ୍ରପୁର, ଗଞ୍ଜାମ, ଦୂରଭାଷ: ୯୪୩୭୩୨୪୯୧୭



# ଭାରତର ମଧ୍ୟ ଏସିଆ ଅଭିଯାନ

**ସୌମେନ୍ଦ୍ର ଜେନା**



ଡିସେମ୍ବର ୧୮-୧୯ (୨୦୨୧) ଦୁଇଦିନ ଧରି ନୂଆଦିଲ୍ଲୀଠାରେ ଭାରତ-କେନ୍ଦ୍ର ଏସିଆ ଶିଖର ଆଲୋଚନା ଅନୁଷ୍ଠିତ ହୋଇଥିଲା । ଏଥିରେ କେନ୍ଦ୍ର ଏସିଆର ପାଞ୍ଚୋଟି ଦେଶ କାଜାଖସ୍ଥାନ, କିର୍ଗିଜସ୍ଥାନ, ତାଜିକିସ୍ଥାନ, ଉଜ୍‌ବେକିସ୍ଥାନ ଓ ତୁର୍କମେନିସ୍ଥାନର ବୈଦେଶିକ ମନ୍ତ୍ରୀଗଣ ଯୋଗ ଦେଇଥିଲେ । ସମାନ ସମୟରେ ପାକିସ୍ଥାନର ଇସଲାମାବାଦରେ ଆୟୋଜିତ ହୋଇଥିବା ଇସଲାମିକ ରାଷ୍ଟ୍ର ଗୋଷ୍ଠୀର ବୈଠକରେ ଯୋଗ ନ ଦେଇ ଏହି ମନ୍ତ୍ରୀଗଣ ନୂଆଦିଲ୍ଲୀର ବୈଠକକୁ ଅଧିକ ଗୁରୁତ୍ୱ ଦେଇଥିଲେ । ଏହି ଆଲୋଚନାରେ ଭାରତ-କେନ୍ଦ୍ର ଏସିଆର ବାଣିଜ୍ୟିକ ବୃଦ୍ଧି ପାଇଁ ଚାବହର ବନ୍ଦରକୁ ସମସ୍ତେ ବ୍ୟବହାର କରିବା, ମାଲ ପରିବହନ ପାଇଁ ନୂଆ ସଡକମାର୍ଗ ଖୋଲିବା, ସନ୍ତ୍ରାସବାଦ ଓ ନିଶା କାରବାର ବିରୋଧରେ ଲଢିବା, ଆଫଗାନିସ୍ଥାନର ମହିଳା, ଶିଶୁ ଏବଂ ସଂଖ୍ୟାଲଘୁ ବର୍ଗଙ୍କ ସୁରକ୍ଷା ସହ ମାନବିକ ସହାୟତା ଯୋଗାଇ ଦେବା ନେଇ ବ୍ୟାପକ ଆଲୋଚନା ହୋଇଥିଲା । ଉଜ୍‌ବେକ୍ ବିଦେଶମନ୍ତ୍ରୀ ଅବଦୁଲାଜିଜ୍ କାମିଲୋଭ ସ୍ୱାଗତ ଭାଷଣ ଦେଇ ଆଫଗାନିସ୍ଥାନର ସମସ୍ୟା ବିଷୟରେ ଉଲ୍ଲେଖ କରିଥିଲେ । ତୁର୍କମେନ ବିଦେଶ ମନ୍ତ୍ରୀ ରସିଦ ମେରେଡୋଭ ବୈଠକର ସଫଳତା ନେଇ ଆଶାବ୍ୟକ୍ତ କରିଥିଲେ । ଜାତିସଂଘ ସୁରକ୍ଷା ପରିଷଦର ପ୍ରସ୍ତାବ ୨୫୯୩ ଅନୁଯାୟୀ ଆଫଗାନ ପରିସୀମା ଯେପରି ସନ୍ତ୍ରାସବାଦକୁ ଆଶ୍ରୟ, ଯୋଜନା ଓ ଅର୍ଥ ଯୋଗାଣ ନକରେ ସେଥିପ୍ରତି ଦୃଷ୍ଟିରଖି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସପକ୍ଷରେ ମତ ବ୍ୟକ୍ତ କରିଥିଲେ । ସେହିପରି ମୌଳବାଦ ବିଚାରକୁ ବନ୍ଦ କରିବା, ସାଇବର ସୁରକ୍ଷା ସହ ମିଥ୍ୟା ପ୍ରଚାର ଯୋଗେ ହିଂସାକାଣ୍ଡକୁ ରୋକିବା ପାଇଁ ପଦକ୍ଷେପ ନିଆଯିବା ଦରକାର ବୋଲି ମିଳିତ ଘୋଷଣାପତ୍ରରେ ପ୍ରକାଶ ପାଇଥିଲା । ଉତ୍ତର -ଦକ୍ଷିଣ ପରିବହନ ସଡକ ସହ ଚାବରର ବନ୍ଦରକୁ ଯୋଡି ଦକ୍ଷିଣ ଏସିଆ ସହ କେନ୍ଦ୍ର ଏସିଆର ବାଣିଜ୍ୟକୁ ବୃଦ୍ଧି କରିବା ନେଇ ପ୍ରସ୍ତାବକୁ ସମସ୍ତେ ସ୍ୱାଗତ କରିଥିଲେ । କୋରୋନା ପର ଚିକିତ୍ସା, ସମସ୍ତଙ୍କ ଟିକାକରଣ, ଟିକାଯୋଗାଣରେ ସହଯୋଗ, ସ୍ଥାନୀୟ ସ୍ତରରେ ଟିକା ଉତ୍ପାଦନ, ବୈଷୟିକ ଜ୍ଞାନ ହସ୍ତାନ୍ତରଣ, ଚିକିତ୍ସା ଉପକରଣର ଯୋଗାଣକୁ ପ୍ରୋତ୍ସାହନ,ଟିକାର ମୂଲ୍ୟ ନିର୍ଦ୍ଧାରଣରେ ସ୍ୱଚ୍ଛତା ନେଇ କାର୍ଯ୍ୟ କରାଯିବା ଉପରେ ଜୋର ଦେଇଥିଲେ । ଭାରତ-କେନ୍ଦ୍ର-ଏସିଆ ପର୍ଯ୍ୟଟନ ବୃଦ୍ଧି ଓ ବାଣିଜ୍ୟିକ ସହଯୋଗ ପାଇଁ ସବୁଦେଶ ସମର୍ଥନ କରିଥିଲେ । ଭାରତର କୋରୋନା ପ୍ରମାଣପତ୍ର ସ୍ୱୀକୃତିକୁ ପୂର୍ବରୁ କାଜାଖସ୍ଥାନ ଏଂବ କିର୍ଗିଜସ୍ଥାନ ଗ୍ରହଣ କରିସାରିଛନ୍ତି । ତାଜିକିସ୍ଥାନ, ତୁର୍କମେନିସ୍ଥାନ ଏବଂ ଉଜ୍‌ବେକିସ୍ଥାନ ଏଥିପାଇଁ ଖୁବ୍ ଶିଘ୍ର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମଧ ଏସିଆ ରାଷ୍ଟ୍ରଗୁଡିକର ବିଦେଶ ମନ୍ତ୍ରୀଗଣ ଭାରତ ସହ ଯୋଗାଯୋଗ, ପରିବହନ, ଶକ୍ତି ଏବଂ ଯୋଗାଣ ଉପରେ ଅଧିକ ଜୋର ଦେବାକୁ କହିଥିଲେ । ଶେଷରେ ଭାରତର ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ବାଣିଜ୍ୟ, ଦକ୍ଷତାବୃଦ୍ଧି, ଯୋଗାଯୋଗ ଏବଂ ସଂପର୍କ ଉପରେ ଅଧିକ ଧ୍ୟାନ ଦେବାକୁ ସମସ୍ତ ବିଦେଶ ମନ୍ତ୍ରୀଙ୍କୁ କହିଥିଲେ । ୨୦୧୯ରୁ ପ୍ରତିବର୍ଷ ଅନୁଷ୍ଠିତ ହୋଇଆସୁଥିବା ଏହି ବୈଠକ ତୃତୀୟ ଥର ପାଇଁ ଆୟୋଜିତ ହୋଇଥିଲା । ଚଳିତବର୍ଷ ବିଦେଶମନ୍ତ୍ରୀ ଏସ୍ ଜୟଶଙ୍କର ପୂର୍ବରୁ କାଜାଖସ୍ଥାନ, କିର୍ଗିଜସ୍ଥାନ, ତାଜିକିସ୍ଥାନ, ଉଜ୍‌ବେକିସ୍ଥାନ ଗସ୍ତ କରିବା ସହ ଗତ ଅକ୍ଟୋବର ମାସରେ ତୁର୍କମେନିସ୍ଥାନର ବିଦେଶମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ନଭେମ୍ବର ୧୦,୨୦୨୧ରେ କେନ୍ଦ୍ର ଏସିଆର ଏହି ପାଞ୍ଚୋଟି ରାଷ୍ଟ୍ରର ସୁରକ୍ଷା ପରାମର୍ଶଦାତାଙ୍କ ସହ ଭାରତର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲଙ୍କର ଆଫଗାନିସ୍ଥାନ ଯୋଗୁ ମଧ ଏସିଆରେ ସୃଷ୍ଟି ହୋଇଥିବା ସୁରକ୍ଷାଗତ ଆଶଙ୍କା ନେଇ ଆଲୋଚନା ହୋଇଥିଲା । ତେବେ ଆସନ୍ତା ଜାନୁଆରୀ ୨୬ ସାଧାରଣତନ୍ତ୍ର ଦିବସ ପରେଡକୁ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ମଧ ଏସିଆର ରାଷ୍ଟ୍ରମୁଖ୍ୟଙ୍କୁ ନିମନ୍ତ୍ରଣ କରାଯାଇଛି । ଏଥିରେ କାଜାଖସ୍ଥାନର କାସିମ-ଜୋମାର୍ଟ ଟୋକାୟେଭ, ଉଜ୍‌ବେକିସ୍ଥାନର ସଭକାତ ମିରଜିୟୋୟେଭ, ତାଜିକିସ୍ଥାନର ଇମୋମାଲି ରହମନ, ତୁର୍କମେନିସ୍ଥାନର ଗୁରୁବାଙ୍ଗୁଲି ବର୍ଦ୍ଦିମୁହାମୋଡୋ ଏବଂ କିର୍ଗିଜସ୍ଥାନର ସାଦିର ଜାପାରୋଭ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ବୈଠକ ଅବସରରେ ମଧ ଏସିଆର ବୈଦେଶିକ ମନ୍ତ୍ରୀମାନେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ । ଶ୍ରୀ ମୋଦି କେନ୍ଦ୍ର ଏସିଆ ସହ ଭାରତର ପ୍ରାଚୀନ ସଂପର୍କ କଥା କହି ଆବଶ୍ୟକ ପଦକ୍ଷେପ ନିଆଯିବା ଉଚିତ ହେବ ବୋଲି କହିଥିଲେ । ମଧ ଏସିଆର ପଞ୍ଚରାଷ୍ଟ୍ର ମଧ୍ୟରୁ ଭାରତ ଫେବୃଆରୀ ୧୯୯୨ରେ କାଜାଖସ୍ଥାନକୁ ସ୍ୱୀକୃତି ଦେଇଥିବା ଅନ୍ୟତମ ପ୍ରଥମ ରାଷ୍ଟ୍ର ଭାବେ ପରିଚିତ । ମଇ ୧୯୯୨ରେ ତତ୍କାଳୀନ ରାଜଧାନୀ ଅଲମାଟୀ ଠାରେ ଭାରତର ରାଷ୍ଟ୍ରଦୂତଙ୍କ କାର୍ଯ୍ୟାଳୟ ଖୋଲିଥିଲା । ୧୯୯୭ରେ ରାଜଧାନୀ ଅସ୍ଥାନାକୁ ଯାଇଥିଲା, ଯାହାର ନାମ ଏବେ ନୁରସୁଲତାନ ହୋଇଛି । ୧୯୯୩ରେ ନୂଆଦିଲ୍ଲୀରେ କାଜାଖ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ଖୋଲିଥିଲା । ୨୦୨୧ରେ କାଜାଖସ୍ଥାନ ଗଠନର ୩୦ବର୍ଷ ପୂର୍ତ୍ତି ହେବାକୁ ଯାଉଛି । ବାର୍ଷିକ ୧୮୦ ବିଲିଅନ ଡଲାରର ଜିଡିପି ସହ ଏହା ମଧ ଏସିଆର ସବୁଠୁ ବଡ ଆର୍ଥିକ ଶକ୍ତିସଂପନ୍ନ ଦେଶ । ଏହି ରାଷ୍ଟ୍ର ସହ ଭାରତର ସଂପର୍କ ୨୦୦୦ ବର୍ଷର ପୁରୁଣା । ଏବେ ଦୁଇ ଦେଶ ମଧ୍ୟରେ ୧.୫୬ ବିଲିଅନର ବାଣିଜ୍ୟିକ କାରବାର ହେଉଛି । ମଧ ଏସିଆରେ ଏହା ଭାରତର ବଡ ବାଣିଜ୍ୟିକ ସହଯୋଗୀ ରାଷ୍ଟ୍ର । ଫେବୃଆରୀ ୨୦୧୮ରୁ ଭାରତ ସରକାର ଇ-ଭିସା ବ୍ୟବସ୍ଥା କାଜାଖ ଲୋକଙ୍କ ପାଇଁ କରିଛନ୍ତି । ୨୦୧୫ରେ ଦୁଇ ଦେଶ ମଧ୍ୟରେ ୫୦୦୦ ଟନ୍‌ର ୟୁରାନିୟମ ଯୋଗାଣ ନେଇ ପାଞ୍ଚବର୍ଷିଆ ବୁଝାମଣା ହୋଇଥିଲା । ଚଳିତ ବର୍ଷ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୧ ପର୍ଯ୍ୟନ୍ତ ଦୁଇଦେଶ ମଧ୍ୟରେ ପଞ୍ଚମ ସାମରିକ ଅଭ୍ୟାସ କାଜିଣ୍ଡ-୨୧ କାଜାଖସ୍ଥାନରେ ଏଇସା ବିବି ଟ୍ରେନିଂ ସେଣ୍ଟରଠାରେ ହୋଇଥିଲା । ଭାରତୀୟ ସ୍ଥଳସେନାର ବିହାର ରେଜିମେଣ୍ଟର ଜଣେ କମାଣ୍ଡରଙ୍କ ସମେତ ୯୦ଜଣ ଅଧିକାରୀ ଉକ୍ତ ସମରାଭ୍ୟାସରେ ଯୋଗଦାନ କରିଥିଲେ । ସେମିତି ଭାରତ ସହ କିର୍ଗିଜସ୍ଥାନର ସଂପର୍କ ବେଶ୍ ଭଲ । ଗତ ଅକ୍ଟୋବର ମାସରେ ଭାରତର ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର କିର୍ଗିଜସ୍ଥାନ ଯାତ୍ରା କରି ରାଷ୍ଟ୍ରପତି ସାଦିର ଜାପାରୋଭଙ୍କୁ ସାକ୍ଷାତ କରିଥିଲେ । ଏହାପରେ ସେ ବିଦେଶ ମନ୍ତ୍ରୀ ରସଲାନ କାଜାଖବାୟେଭଙ୍କୁ ମଧ ଭେଟିଥିଲେ । ଭାରତ କାଜାଖସ୍ଥାନକୁ ୨୦୦ ମିଲିଅନ ଡଲାର ଅର୍ଥ ଦୀର୍ଘସୂତ୍ରୀ ଋଣ ଆକାରରେ ବିକାଶମୂଳକ କାର୍ଯ୍ୟ ପାଇଁ ଦେବାକୁ ଇଚ୍ଛା ପ୍ରକାଶ କରିଥିବା ସେ କହିଥିଲେ । ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଆଦାନପ୍ରଦାନ, ଅଧିକାରୀଙ୍କ ପ୍ରଶିକ୍ଷଣ, ପ୍ରତିରକ୍ଷା ସହଯୋଗ, ପାର୍ବତ୍ୟାଞ୍ଚଳରେ ପ୍ରଶିକ୍ଷଣ, ଜୈବିକ ଚିକିତ୍ସା ଗବେଷଣା, ବାର୍ଷିକ ସମରାଭ୍ୟାସ ଖଞ୍ଜରକୁ ନେଇ ଆଲୋଚନା କରିଥିଲେ । ଦ୍ୱିପାକ୍ଷିକ ପୁଞ୍ଜିନିବେଶ ଚୁକ୍ତି -୨୦୧୯ରେ ଦୁଇଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇସାରିଛି । ଦୋହରା ଟିକସ ହ୍ରାସ ପାଇଁ ଏବେ ଚେଷ୍ଟା ଚାଲିଛି । ପର୍ଯ୍ୟଟନ, ଅଳଙ୍କାର ପ୍ରସ୍ତୁତି, ଔଷଧ, ଡାକ୍ତରୀଶିକ୍ଷା, ଆଇଟି ପାର୍କ, ଡାଟା ବ୍ୟାଙ୍କ ନିର୍ମାଣ କରିବାକୁ ଦୁଇଦେଶ ମଧ୍ୟରେ ବିଶଦ ଆଲୋଚନା ହୋଇଥିଲା । ପୂର୍ବରୁ ଭାରତ ପକ୍ଷରୁ ଟେଲିମେଡିସିନ୍ କେନ୍ଦ୍ରମାନ କିର୍ଗିଜସ୍ଥାନର କେତେକ ସହରରେ ଖୋଲିଛି । ଏବେ ବଟକେନ, ଜଲାଲାବାଦ, ଚୁଇ ଅଞ୍ଚଳରେ ଖୋଲାଯିବ ବୋଲି ସ୍ଥିର ହୋଇଛି । ବିସ୍‌କେକ୍‌ର ମାନସ, ମହାତ୍ମାଗାନ୍ଧି ପାଠାଗାର କିର୍ଗିଜ ଲୋକଙ୍କ ପାଇଁ ଭାରତର ଉପହାର ସଦୃଶ । ନିକଟରେ ହିନ୍ଦୀ-କିର୍ଗିଜ ଭାଷାର ଏକ ଶବ୍ଦକୋଷକୁ ଦୁଇଦେଶର ବିଦେଶ ମନ୍ତ୍ରୀ ମିଳିତ ଭାବେ ଉନ୍ମୋଚନ କରିଥିଲେ । ଏହାଛଡା ସନ୍ତ୍ରାସବାଦର ନିୟନ୍ତ୍ରଣ, ନିଶା କାରବାର ରୋକିବା, ମୌଳବାଦର ଦମନ ପାଇଁ ଦୁଇ ଦେଶ କାର୍ଯ୍ୟ କରିବାକୁ ଘୋଷଣା କରିଥିଲେ । ଚଳିତବର୍ଷ ରାଜଧାନୀ ବିସକେକ୍ ବାହାରେ ଏପ୍ରିଲ ମାସରେ ପନ୍ଦରଦିନ ଧରି ଦୁଇ ଦେଶର ସେନା ଖଞ୍ଜର ସମରାଭ୍ୟାସରେ ଯୋଗଦେଇଥିଲେ । ମଧ ଏସିଆର ଅନ୍ୟତମ ରାଷ୍ଟ୍ର ତାଜିକିସ୍ଥାନ ସହ ଭାରତର ସଂପର୍କ ବହୁତ ଭଲ । ୨ରୁ ୯ ଅକ୍ଟୋବର ୨୦୧୮ରେ ଭାରତର ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଜିକିସ୍ଥାନ ଗସ୍ତରେ ଯାଇ ୨୦ ମିଲିଅନ ସହାୟତା ଭାରତ ପକ୍ଷରୁ ଘୋଷଣା କରିଥିଲେ । ସେ ସମୟରେ ମୋଟ ୮ଟି ବୁଝାମଣା ସ୍ୱାକ୍ଷରିତ ହୋଇଥିଲା । ଚଳିତବର୍ଷ ଭାରତର ବିଦେଶମନ୍ତ୍ରୀ ଜୟଶଙ୍କର ମାର୍ଚ୍ଚ-ଏପ୍ରିଲ ଏବଂ ଜୁଲାଇ ମାସରେ ଦୁଇଥର ତାଜିକ ଗସ୍ତରେ ଯାଇଥିଲେ । ମାର୍ଚ୍ଚ ୨୯ରୁ ୧ ଏପ୍ରିଲ ୨୦୨୧ ଦୁସାନବେ ଗସ୍ତରେ ଯାଇ ଜୟଶଙ୍କର ତାଜିକସ୍ଥାନର ରାଷ୍ଟ୍ରପତି ଇମୋମାଲି ରହମନଙ୍କୁ ସାକ୍ଷାତ କରିଥିଲେ । ତାଙ୍କ ଗସ୍ତ କାଳରେ ତାଜିକ ବିଦେଶମନ୍ତ୍ରୀ ଓ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ । ନବମ ମନ୍ତ୍ରିସ୍ତରୀୟ ବୈଠକରେ ସେ ଯୋଗଦେଇଥିଲେ । କୋରୋନା ମୁକାବିଲା ପାଇଁ ମଇ ୨୦୨୦ରେ ଭାରତ ପକ୍ଷରୁ ୫ଲକ୍ଷ ହାଇଡ୍ରୋକ୍ଲୋରୋକୁଇନ ବଟିକା ଏବଂ ୧ଲକ୍ଷ ପାରାସିଟାମଲ ବଟିକା ତାଜିକସ୍ଥାନକୁ ଯୋଗାଇ ଦିଆଯାଇଥିଲା । ଜୁନ୍ ୨୦୨୦ରେ ୪.୬ ଟନର ଚିକିତ୍ସା ସାମଗ୍ରୀ ଏବଂ ପୁଣିଥରେ ୮ କୁଇଣ୍ଟାଲ ଔଷଧ ମଧ ପଠାଇଥିଲା । ଭାରତର ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ୨୨ରୁ ୨୪ ଜୁନ ୨୦୨୧ରେ କିର୍ଗିଜ ରାଜଧାନୀ ଦୁସାନବେ ଗସ୍ତ କରି ଏସସିଓ ସଂଗଠନର ସୁରକ୍ଷା ପରିଷଦ ବୈଠକରେ ଯୋଗଦେଇଥିଲେ । ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୨୦୨୦-୨୧ରେ ଢେର ବୃଦ୍ଧିପାଇ ୨୨ମିଲିଅନ ଡଲାରରୁ ଅଧିକ ହୋଇଛି ।

ମଧ ଏସିଆର ଅନ୍ୟତମ ବନ୍ଧୁରାଷ୍ଟ୍ର ହେଉଛି ଉଜ୍‌ବେକିସ୍ଥାନ, ଯାହାକୁ ଭାରତ ଅଧିକ ଗୁରୁତ୍ୱ ଦିଏ । ଜୁନ୍ ୧୯୯୦ରୁ ସୋଭିଏତ୍ ରୁଷିଆରୁ ସ୍ୱାଧୀନ ଦେବା ପରଠାରୁ ଏହି ରାଷ୍ଟ୍ର ସହ କୂଟନୀତିକ ସଂପର୍କ ଆରମ୍ଭ । ୨୦୧୫ ଓ ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାସକେଣ୍ଟ ଗସ୍ତ କାଳରେ ଏହି ସଂପର୍କକୁ ଅଧିକ ସୁଦୃଢ କରିଥିଲେ । ପରେ ଉଜ୍‌ବେକ୍ ପ୍ରଧାନମନ୍ତ୍ରୀ ମିରଜିୟୋୟେଭ ଅକ୍ଟୋବର ୨୦୧୮ ଏବଂ ଜାନୁଆରୀ ୨୦୧୯ରେ ଭାରତ ଗସ୍ତ କରି ଦ୍ୱିପାକ୍ଷିକ ସଂପର୍କକୁ ଆଗେଇ ନେଇଥିଲେ । ଏବେ ପ୍ରତିରକ୍ଷା ଓ ସୁରକ୍ଷା, ବାଣିଜ୍ୟ, ନିବେଶ, ଶକ୍ତି, କୃଷି, ପ୍ରଯୁକ୍ତିବିଦ୍ୟା, ଶିକ୍ଷା ଆଦି ଅନେକ କ୍ଷେତ୍ରରେ ଉଭୟ ଦେଶ କାର୍ଯ୍ୟରତ । କରୋନା ସମୟରେ ୧୭ ମାର୍ଚ୍ଚ ୨୦୨୧ରେ କୋଭାକ୍ସ ଯୋଜନାରେ ୬୬୦୦୦ କୋଭିସିଲ୍ଡ ଟିକା ଉଜ୍‌ବେକିସ୍ଥାନକୁ ଭାରତ ଯୋଗାଇଥିଲା । ଭାରତରେ ପ୍ରାୟ ୨୪୦୦ ଉଜ୍‌ବେକ ଅଧିକାରୀଙ୍କୁ ଦେଶର ପ୍ରମୁଖ ଅନୁଷ୍ଠାନଗୁଡିକରେ ପ୍ରଶିକ୍ଷଣ ଦିଆଯାଇଛି । ଉଭୟ ଦେଶ ମଧ୍ୟରେ ସାଂସ୍କୃତିକ ସଂପର୍କ ବେଶ୍ ନିବିଡ ରହିଛି । ଅନେକ ଉଜ୍‌ବେକ୍ କଳାକାର ହିନ୍ଦୀ ସିନେମା ସଂଗୀତ ଗାନ କରି ପ୍ରସିଦ୍ଧିଲାଭ କରିଛନ୍ତି । ଉଜ୍‌ବେକ ସରକାରଙ୍କ ଅନୁରୋଧକ୍ରମେ ଭାରତ ସରକାର ୨୦୦ ମିଲିଅନ ଡଲାର ଅର୍ଥ ଦୀର୍ଘମିଆଦୀ ଋଣ ବୁଝାମଣାକ୍ରମେ ଜାନୁଆରୀ ୨୦୧୯ରେ ପ୍ରଦାନ କରିଥିଲେ ।

ମଧ ଏସିଆର ପଞ୍ଚମ ରାଷ୍ଟ୍ର ତୁର୍କମେନିସ୍ଥାନ ସହ ୧୯୯୪ରୁ ଭାରତ କୂଟନୀତିକ ସଂପର୍କ ସ୍ଥାପନ କଲେ ମଧ ଖ୍ରୀ: ୧୬୫୦ରେ ଦିଲ୍ଲୀରେ ନିର୍ମିତ ତୁର୍କମେନଗେଟ ଉଭୟ ଦେଶର ପୁରୁଣା ସଂପର୍କକୁ ସୂଚାଇଥାଏ । ଇତିମଧ୍ୟରେ ୪୦୦ରୁ ଅଧିକ ତୁର୍କମେନ ଅଧିକାରୀ ଭାରତରେ ପ୍ରଶିକ୍ଷଣ ପାଇଛନ୍ତି । ତୁର୍କମେନିସ୍ଥାନରୁ ଭାରତକୁ ସାପ୍ତାହିକ ୯ଟି ବିମାନ ଚଳାଚଳ କରିଥାଏ । ୨୦୨୦ ହିସାବ ଅନୁଯାୟୀ ଦୁଇଦେଶ ମଧ୍ୟରେ ମୋଟ ୪୪.୩ ମିଲିଅନ ବାଣିଜ୍ୟ ହେଉଛି । ୨୦୨୦ରେ ଭାରତ ୨୫.୦୪ ମିଲିଅନ ଡଲାର ରପ୍ତାନୀ କଲାବେଳେ ୫.୬୫ ମିଲିଅନ ଡଲାର ମୂଲ୍ୟର ବସ୍ତୁ ଆମଦାନୀ କରିଛି । ତାପି ଗ୍ୟାସ୍ ପ୍ରକଳ୍ପ ଦୁଇ ଦେଶ ମଧ୍ୟରେ ପ୍ରମୁଖ ବାଣିଜ୍ୟିକ ପ୍ରକଳ୍ପ ଯାହା ଶେଷ ହୋଇପାରିନାହିଁ । ଯେଉଁଥିପାଇଁ ଭାରତର ଗ୍ୟାସ ଆବଶ୍ୟକତା ସବୁବେଳେ ଚାପରେ ରହିଛି । ଏହି ପ୍ରକଳ୍ପ ଶେଷ ହେଲେ ଭାରତ ଗ୍ୟାସ ପାଇବାର ଚିନ୍ତାରୁ ଅନେକାଂଶରେ ହାଲୁକା ହେବ ।

କହିବାକୁ ଗଲେ ମଧ ଏସିଆ ଏବଂ ଭାରତର ଅନେକ ସମସ୍ୟା ଏକପ୍ରକାର ରହିଛି । ବିଶେଷକରି ସନ୍ତ୍ରାସବାଦ, ଧାର୍ମିକ ମୌଳବାଦ, ନିଶାଦ୍ରବ୍ୟର ଚୋରା ଚାଲାଣ ପରି ସଙ୍କଟ ଏବେ ମଧ ଏସିଆ ଓ ଭାରତରେ ଦେଖାଦେଇଛି । ତାଲିବାନ ହକ୍‌କାନୀ ଗୋଷ୍ଠୀ ଆଫଗାନିସ୍ଥାନରେ କ୍ଷମତା ହାସଲ କରିବା ପରେ ମଧ ଏସିଆ ଓ ଭାରତର ଚିନ୍ତା ବଢିଛି । ମଧ ଏସିଆ ସହ ଭାରତର ଦ୍ୱିପାକ୍ଷିକ ବାଣିଜ୍ୟ ବହୁତ କମ୍ ରହିଛି । ୨୦୧୪-୧୫ରେ ୧୩୮୦.୩୧ ମିଲିଅନ ଡଲାର, ୨୦୧୫-୧୬ ୮୧୯.୩୭, ୨୦୧୬-୧୭ରେ ୯୫୦.୭୭, ୨୦୧୭-୧୮ରେ ୧୪୮୧.୪୨, ୨୦୧୮-୧୯ରେ ୧୩୦୫.୪୪ ଏବଂ ୨୦୧୯-୨୦ରେ ୧୨୮୫.୪୭ ମିଲିଅନ ଡଲାର ରହିଛି । ଅପରପକ୍ଷେ ଏହିସବୁ ଦେଶ ସହ ଚୀନର ବାଣିଜ୍ୟ ବାର୍ଷିକ ୧୩୭ ବିଲିଅନ ଡଲାର ରହିଛି । ଭାରତର ରପ୍ତାନୀ କମ ଆମଦାନୀ ଅଧିକ ହୋଇଛି । ରୁଷିଆ ଓ ଚୀନ ଏହିସବୁ ରାଷ୍ଟ୍ରରେ ପ୍ରମୁଖ ସହଯୋଗୀ ଭାବେ କାର୍ଯ୍ୟ କରୁଥିବାସ୍ଥଳେ ଏସବୁ ଦେଶକୁ ସିଧାସଳଖ ସଡକ ଓ ଜଳମାର୍ଗ ଭାରତ ପାଇଁ ନଥିବା ଯୋଗୁ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ୨୦୨୦ରେ ଭାରତ ମଧ ଏସିଆ ବାଣିଜ୍ୟିକ ପରିଷଦ ଦ୍ୱିପାକ୍ଷିକ ବାଣିଜ୍ୟ ବୃଦ୍ଧି ପାଇଁ ଗଠିତ ହୋଇଛି । ଏସବୁ ଦେଶରେ ପୁଞ୍ଜିନିବେଶ କରି ଭାରତ ଲାଭ ଉଠାଇବାର ଢେର ସୁଯୋଗ ରହିଛି ଆନ୍ତର୍ଜାତିକ ସ୍ତରର ସଂଗଠନ ସାଂଘାଇ କୋ-ଅପରେସନ୍ ଅର୍ଗାନାଇଜେସନ, ୟୁରେସିଆନ ଇକୋନୋମିକ୍ ୟୁନିଅନ, ସିକା ସହ ରହି ସୁବିଧା ନେବାର ସମ୍ଭାବନା ରହିଛି । ଡିସେମ୍ବର ୨୦୨୦ରେ ନୂଆଦିଲ୍ଲୀ- ତାସ୍‌କେଣ୍ଟ ମଧ୍ୟରେ ସଡକ ନିର୍ମାଣ ଏବଂ ଆଇଟି କ୍ଷେତ୍ରର ବିକାଶ ପାଇଁ ୪୪୮ ମିଲିଅନ ଡଲାର ଋଣ ଦେବାକୁ ଭାରତ ରାଜି ହୋଇଥିଲା । ୨୦୧୯ରେ ଆଫଗାନିସ୍ଥାନ- ଉଜ୍‌ବେକିସ୍ଥାନ ରେଳପଥ ନିର୍ମାଣ ପାଇଁ ଉଜ୍‌ବେକ୍ ସରକାର ଭାରତକୁ ଆଲୋଚନା ପାଇଁ ଡାକିଥିଲେ । ଭାରତ-ରାଜନୈତିକ ପରିସ୍ଥିତି ଉପରେ ଲକ୍ଷ୍ୟ ରଖିଛନ୍ତି ସରକାର ।

ମଧ ଏସିଆରେ ପ୍ରଭାବ ଓ ବାଣିଜ୍ୟ ବୃଦ୍ଧି ପାଇଁ ୨୦୨୦ରୁ ଚୀନ ସରକାର ୫+୧ ଯୋଜନାରେ କାର୍ଯ୍ୟ କରୁଛନ୍ତି । ୧୯୯୧ରୁ ଚୀନ ସରକାରଙ୍କ ମଧ ଏସିଆରେ କାର୍ଯ୍ୟ ଆରମ୍ଭ ହୋଇଥିଲା । କିର୍ଗିଜସ୍ଥାନ ଓ ତାଜିକିସ୍ଥାନ ପରି ଦେଶ ଯଥାକ୍ରମେ ଚୀନଠାରୁ ୪ ବିଲିଅନ ଏବଂ ୧.୩୮ ବିଲିଅନ ଡଲାର ଋଣ ନେଇଛନ୍ତି । ଋଣ ପରିଶୋଧ କରିନପାରିଲେ ଏହି ଦେଶ ଚୀନ ହାତକୁ ନିଜର ଜମି ଟେକି ଦେବା ନିଶ୍ଚିତ । ଏସବୁ ଦେଶର ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଚୀନର ଅଧିକ ଅର୍ଥ ବିନିଯୋଗ ସତ୍ତ୍ୱେ ମଧ ଏସିଆର ଲୋକମାନଙ୍କ ମନରେ ଚୀନ ପ୍ରତି ବିଶ୍ୱାସର ଅଭାବ ରହିଛି । ଏହି ସୁଯୋଗରେ ଭାରତ ସଡକ ଯୋଗାଯୋଗ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବିଜ୍ଞାନର ବିକାଶ, ପର୍ଯ୍ୟଟନ, ଗ୍ୟାସ ପରିବହନ, ସୁରକ୍ଷା ବ୍ୟବସ୍ଥା ନିର୍ମାଣ, ବୟନ ଶିଳ୍ପ ଆଦି କ୍ଷେତ୍ରରେ ନିଜକୁ ଏସବୁ ଦେଶରେ ସୁଦୃଢ କରିପାରିବ । ପାକ୍ ଅଧିକୃତ କାଶ୍ମୀର ଭାରତର ନିୟନ୍ତ୍ରଣ ବାହାରକୁ ଚାଲିଯିବା ପରେ ମଧ ଏସିଆ ସହ ଭାରତର ସଡକ ଯୋଗାଯୋଗ ଦୀର୍ଘ ବର୍ଷ ହେଲା ବନ୍ଦ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ବିକଳ୍ପ ପରିବହନ ମାର୍ଗଗୁଡିକୁ ଶକ୍ତିଶାଳୀ କଲେ ଭାରତ ବାଣିଜ୍ୟିକ ସୁଯୋଗ ଉପଯୋଗ କରିପାରିବ । ଚୀନ-ପାକ୍ ମେଣ୍ଟ ଭାରତର ପ୍ରୟାସକୁ ଦୁର୍ବଳ କରିବାକୁ ଚେଷ୍ଟା କରିବେ ନିଶ୍ଚୟ । ବସ୍ତୁର ଉତ୍ପାଦନ ଖର୍ଚ୍ଚ ହ୍ରାସ, ପରିବହନ ଖର୍ଚ୍ଚ ହ୍ରାସ ସହ ରପ୍ତାନୀ ପଦ୍ଧତିକୁ ସରଳ କଲେ ଏହି ଦେଶଗୁଡିକରେ ଚୀନ ବସ୍ତୁ ବଦଳରେ ଭାରତୀୟ ବସ୍ତୁ ଗ୍ରହଣଯୋଗ୍ୟ ହୋଇପାରିବ,ଏଥିରେ କୌଣସି ସନ୍ଦେହ ନାହିଁ ।

*-ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩*

# ଗଂଜାମର ରଷିକୁଲ୍ୟା ଉପକୂଳ ଓ ବିରଳ ଅଲିଭ୍ ରିଡ୍‌ଲେ

ସଂପ୍ରତି ବିଶ୍ୱମାନଚିତ୍ରରେ ଆକର୍ଷଣର କେନ୍ଦ୍ରବିନ୍ଦୁ ଭାବେ ଓଡ଼ିଶାର ଉପକୂଳ ବେଶ୍ ଚର୍ଚ୍ଚିତ । ବିଶେଷକରି ସାମୁଦ୍ରିକ କଇଁଛ ଅଲିଭ୍ ରିଡ଼୍‌ଲେମାନଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟାରେ ଓଡ଼ିଶାର ଉପକୂଳ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଆସୁଅଛି । ଶୀତଋତୁର ଅନ୍ତିମ ଲଗ୍ନରେ ଏହି ପ୍ରଜାତିର ସାମୁଦ୍ରିକ କଇଁଛ ଗଂଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଣ, କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ଗହୀରମଥା ଓ ପୁରୀ ଜିଲ୍ଲାର ଦେବୀନଦୀ ମୁହାଣକୁ ସାମୂହିକ ଭାବେ ଅଣ୍ଡାଦାନ ନିମନ୍ତେ ଆସିଥାନ୍ତି । ଏହି ପ୍ରଜାତିର କଇଁଛଙ୍କ ବୈଜ୍ଞାନିକ ନାମ ହେଲା 'ଲେପିଡ଼ୋ କେଲିସ୍ ଆଲିଭାସିଆ' (Lepidochelys Olivacea)। ବିଗତ କିଛିବର୍ଷ ହେଲା ଏହି ସବୁ ମୁହାଣ ନିକଟକୁ ଅଲିଭ୍ ରିଡ଼୍‌ଲେଙ୍କ ଲକ୍ଷାଧିକ ସଂଖ୍ୟାରେ ଆଗମନ ଓ ଅଣ୍ଡାଦାନ ବାସ୍ତବିକ ମନରେ ବିସ୍ମୟ ସୃଷ୍ଟି କରିଥାଏ । ବିଶେଷକରି ଜାନୁଆରୀ ମାସ ଠାରୁ ମାର୍ଚ୍ଚ ମାସ ମଧ୍ୟରେ ସେମାନେ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଜାରି ରଖିଥାନ୍ତି । ମୁଖ୍ୟତଃ ଅଲିଭ୍ ରିଡ଼୍‌ଲେ କଇଁଛ ସମୁଦ୍ର ଓ ମୁହାଣକୁ ଲାଗି ରହିଥିବା ବାଲୁକାମୟ ବେଳାଭୂମିକୁ ଅଣ୍ଡାଦାନର ପ୍ରକୃଷ୍ଟ କେନ୍ଦ୍ର ଭାବେ ବାଛିଥାନ୍ତି । ଅନୁସନ୍ଧାନରୁ ଜଣାଯାଏ - ଏହି ବିରଳ ପ୍ରଜାତିର ଅଲିଭ୍ ରିଡ଼୍‌ଲେ କଇଁଛ ପ୍ରଥମଥର ପାଇଁ ୧୯୯୪ ଜାନୁଆରୀ ୩୧ ତାରିଖରେ ଗଂଜାମ ଜିଲ୍ଲାର ଋଷିକୁଲ୍ୟା ନଦୀ ମୁହାଣ ନିକଟରେ ଦେଖିବାକୁ ମିଳିଥିଲା । ସଂପ୍ରତି ଗଂଜାମର ଋଷିକୁଲ୍ୟା ମୁହାଣ ଏହି ସାମୁଦ୍ରିକ ପ୍ରଜାତିର କଇଁଛଙ୍କ ଅଣ୍ଡାଦେବା ନିମନ୍ତେ ପ୍ରଥମ ପସନ୍ଦର ସ୍ଥାନ ପାଲଟି ଯାଇଛି । ଏହାଫଳରେ ମୁହାଣ ନିକଟସ୍ଥ ପୁରୁଣାବନ୍ଧ, ଗୋଖରକୁଦା, କଣ୍ଟିଆଗଡ଼, ପୋଡ଼ମ୍‌ପେଟା ଆଦି ଅବହେଳିତ ବହୁ ଗ୍ରାମ ଆଜି ଏହି ଅଲିଭ୍‌ରିଡ଼୍‌ଲେଙ୍କ ପାଇଁ ବିଶ୍ୱପ୍ରସିଦ୍ଧ ଓ ପ୍ରଶଂସା ପାଇପାରିଛି ।



ସଂପ୍ରତି ଗଂଜାମର ଗର୍ବ ପାଲଟିଥିବା ଏହି ବିରଳ ପ୍ରଜାତି ଅଲିଭ୍ ରିଡ଼୍‌ଲେ କଇଁଛଙ୍କ ସମୂହ ଅଣ୍ଡାଦାନ ପ୍ରକ୍ରିୟା ଚଳିତବର୍ଷ ସାମାନ୍ୟ ବିଳମ୍ବ ଘଟି ମାର୍ଚ୍ଚ ୨୬ ମଧ୍ୟରାତ୍ରିରୁ ଆରମ୍ଭ ହୋଇଅଛି । ଏମାନେ ଋଷିକୁଲ୍ୟା ମୁହାଣ ନିକଟସ୍ଥ ଗୋଖରକୁଦା ଗ୍ରାମଠାରୁ ପୋଡ଼ମ୍‌ପେଟା ଗ୍ରାମ ଏବଂ ଋଷିକୁଲ୍ୟା ନଦୀ ଓ ସମୁଦ୍ର ମଧ୍ୟରେ ପାଞ୍ଚକିଲୋମିଟର ବ୍ୟାପି ସୃଷ୍ଟି ହୋଇଥିବା ଆଇଲାଣ୍ଡ ମଧ୍ୟରେ ସମୂହ ଅଣ୍ଡାଦାନ କରୁଛନ୍ତି । ଏହି ପ୍ରଜାତିର କଇଁଛମାନେ ଶୀତଳ ପବନ ବହିବା ପ୍ରକ୍ରିୟାକୁ ଅପେକ୍ଷା କରି ରହିଥାନ୍ତି । ପବନ ବହିବା ମାତ୍ରେ ବିଶେଷ କରି ରାତ୍ରିରେ ଦଳବଦ୍ଧ ଭାବେ ଏମାନେ ଉପକୂଳକୁ ଆସିଥାନ୍ତି । ଅଣ୍ଡା ଦେବାକୁ ଆସୁଥିବା ଏହି ଅଲିଭ୍ ରିଡ଼୍‌ଲେ କଇଁଛଙ୍କ ଓଜନ ପ୍ରାୟତଃ ୪୦ ରୁ ୬୦ କିଲୋଗ୍ରାମ୍ ପର୍ଯ୍ୟନ୍ତ ହୋଇଥାଏ । ବାଲୁକା ଶଯ୍ୟାରେ ପ୍ରାୟ ଦେଢ଼ରୁ ଦୁଇଫୁଟ ଗର୍ତ୍ତ କରି ସେଥି ମଧ୍ୟରେ ୧୦୦ରୁ ୧୬୦ ପର୍ଯ୍ୟନ୍ତ ଅଣ୍ଡାଦାନ କରି ତା' ଉପରେ ବାଲି ଘୋଡ଼ାଇ ପୁନର୍ବାର ସମୁଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି । ଅଣ୍ଡାଦାନ ପ୍ରକ୍ରିୟା ଶେଷ ହେବାର ୫୦ ରୁ ୬୦ ଦିନ ମଧ୍ୟରେ ସୂର୍ଯ୍ୟକିରଣର ଉତ୍ତାପ ଓ ବାଲିର ଆର୍ଦ୍ରତା ଫଳରେ ସଂରକ୍ଷିତ ଅଣ୍ଡାରୁ ଛୁଆ ଫୁଟିବା ଆରମ୍ଭ ହୋଇଥାଏ । କିନ୍ତୁ ଦେଖାଯାଏ ସେମାନଙ୍କ ମଧ୍ୟରୁ ଅଧିକାଂଶ ସୁରକ୍ଷିତ ଅବସ୍ଥାରେ ସମୁଦ୍ର ମଧ୍ୟକୁ ଯାଇପାରନ୍ତି ନାହିଁ । କାଉ, ଚିଲ, ଶାଗୁଣା ଏପରିକି ବିଲୁଆ ଓ କୁକୁରଙ୍କ ଦୌରାତ୍ମ୍ୟରୁ ସେମାନେ ସହଜରେ ବର୍ତ୍ତିପାରନ୍ତି ନାହିଁ, କିନ୍ତୁ କିଛି ପରିମାଣରେ ଛୁଆ କଇଁଛ ବାଲି ଉପରେ ଦଳବଦ୍ଧ ଭାବେ ସନ୍ଧ୍ୟାକୁ ଅପେକ୍ଷା କରି ବସି ରହିଥା'ନ୍ତି । କାରଣ ସନ୍ଧ୍ୟା ସହିତ ଅନ୍ଧାର ଓ ନିରାପଦ ସମୟ ଆସିବା ପରେ ସମୁଦ୍ରରେ ପଡୁଥିବା ଚନ୍ଦ୍ର ଓ ତାରାଙ୍କର ଚକ୍‌ଚକ୍ ଆଲୋକରେ ଛୁଆ ଅଲିଭ୍ ରିଡ଼୍‌ଲେମାନେ ସମୁଦ୍ର ଅଭିମୁଖେ ଯାତ୍ରା ଆରମ୍ଭ କରିଥାନ୍ତି ।

ଏହି ପ୍ରଜାତିର କଇଁଛ ସାଧାରଣତଃ ଶ୍ରୀଲଙ୍କାର କଲମ୍ବୋ, କାଲମୋନାର ଓ ଜାଫନା ପ୍ରମୁଖ ତିନୋଟି ସ୍ଥାନ ମଧ୍ୟଭାଗକୁ ଖାଦ୍ୟ ଓ ଆଶ୍ରୟସ୍ଥଳୀ ରୂପେ ବାଛି ନେଇଥାନ୍ତି । ଅନୁଧ୍ୟାନରୁ ଜଣାଯାଏ ଯେ, ପରିବେଶର ସନ୍ତୁଳନ ରକ୍ଷା କରିବାରେ ଏହି ସାମୁଦ୍ରିକ ପ୍ରଜାତିର ଅଲିଭ୍ ରିଡ଼୍‌ଲେ କଇଁଛ ବହୁ ପରିମାଣରେ ସହାୟକ ହୋଇଥାଏ । ଏହି କଇଁଛ ଜେଲିଫିସ୍ ନାମକ ସାମୁଦ୍ରିକ ଜୀବକୁ ଖାଦ୍ୟ ରୂପେ ବ୍ୟବହାର କରିଥାଏ । ତେଣୁ ସମୁଦ୍ରରେ ଜେଲିଫିସ୍ ସଂଖ୍ୟା ନିୟନ୍ତ୍ରଣାଧୀନ ରହେ । ଯାହାଫଳରେ ସାମୁଦ୍ରିକ ଚିଙ୍ଗୁଡ଼ି ବା ମାଛ ବଂଶ ବୃଦ୍ଧିରେ ଏହା ସହାୟକ ହୁଏ । କାରଣ ଜେଲିଫିସ୍‌ର ଖାଦ୍ୟ ହେଉଛି ଛୋଟ ମାଛ ବା ଚିଙ୍ଗୁଡ଼ି । ତେଣୁ ଜେଲିଫିସ୍ ବଂଶ ନିପାତରେ ସହାୟକ ରିଡ଼୍‌ଲେ କଇଁଛ ପରୋକ୍ଷରେ ମତ୍ସ୍ୟଜୀବୀଙ୍କ ବନ୍ଧୁ ରୂପେ ଉଭା ହୋଇଥାଏ । ତେଣୁ ଏହି ବିଲୁପ୍ତ ପ୍ରାୟ ଅଲିଭ୍ ରିଡ଼୍‌ଲେଙ୍କୁ ସୁରକ୍ଷା ଦେବା ଏକ ପ୍ରତ୍ୟାଶିତ କର୍ତ୍ତବ୍ୟ । କାରଣ ବିଗତ କିଛିବର୍ଷ ହେଲା ବହୁ ସଂଖ୍ୟାରେ ଅଲିଭ୍ ରିଡ଼୍‌ଲେଙ୍କ ଅଣ୍ଡାଦାନ ନିମନ୍ତେ ଏଠାକୁ ଆଗମନ ଅବସରରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତଦ୍‌ଜନିତ ମୃତ୍ୟୁ ଘଟଣା ଜନତା ଓ ପ୍ରାଣୀବିଜ୍ଞାନୀ ମାନଙ୍କୁ ବ୍ୟଥିତ କରିଛି ।

ଏ ପରିପ୍ରେକ୍ଷୀରେ କହିରଖେ ଓଡ଼ିଶା ଉପକୂଳ ଏହି ବିରଳ ପ୍ରଜାତିର ଅଲିଭ୍ ରିଡ଼୍‌ଲେଙ୍କ ପ୍ରଜନନ କ୍ଷେତ୍ର ହୋଇଥିବାରୁ କୋଷ୍ଟ ଲାଇନ୍‌ରେ ୧୭ଶହରୁ ଦୁଇ ହଜାର କିଲୋମିଟର ସାମୁଦ୍ରିକ ପଥ ଅତିକ୍ରମ କରି ଓଡ଼ିଶା ଅଭିମୁଖେ ଆସିଥାନ୍ତି । ସଂପ୍ରତି ଋଷିକୁଲ୍ୟା ମୁହାଣ ସେମାନଙ୍କ ପ୍ରଥମ ପସନ୍ଦ ସ୍ଥଳ ପାଲଟିଛି । ଏପରିକି ଚଳିତ ବର୍ଷ ରେକର୍ଡ଼ ସଂଖ୍ୟାରେ ଅଣ୍ଡାଦାନ କରୁଥିବା ଦେଖିବାକୁ ମିଳିଛି । ତେଣୁ ଏହି ମୁହାଣରେ ଅଲିଭ୍ ରିଡ଼୍‌ଲେଙ୍କ ସୁରକ୍ଷିତ ସମୂହ ଅଣ୍ଡାଦାନ ନିମନ୍ତେ ଚଳିତବର୍ଷ ମଧ ପୂର୍ବ ବର୍ଷମାନଙ୍କ ପରି ବନବିଭାଗ ଓ ଗଂଜାମର ବହୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏପରିକି ମୁହାଣ ଉପକୂଳବର୍ତ୍ତୀ ଅଞ୍ଚଳବାସୀଙ୍କ ବେଳାଭୂମି ସଫେଇ କାର୍ଯ୍ୟକ୍ରମ ବାସ୍ତବିକ୍ ସ୍ୱାଗତଯୋଗ୍ୟ ଥିଲା । ଏପରିକି ଏହି ବିରଳ ପ୍ରଜାତିର କଇଁଛମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଡିଏଫ୍‌ଓଙ୍କ ନିର୍ଦ୍ଦେଶ କ୍ରମେ ୧୧ ଗୋଟି କ୍ୟାମ୍ପ କରାଯାଇଛି । ଏହାସହ ସ୍ଥାନୀୟ ରେଞ୍ଜର , ଫରେଷ୍ଟର ଆଦିଙ୍କ ତତ୍ତ୍ୱାବଧାନ ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହଯୋଗରେ ଅଲିଭ୍ ରିଡ଼୍‌ଲେଙ୍କ ସୁରକ୍ଷା ଓ ଗଣତି ବ୍ୟବସ୍ଥା କରାଯାଇଛି । ଏପରିକି ଗଣତି ଓ ସୁରକ୍ଷା ଦୃଷ୍ଟିରୁ ବେଳାଭୂମିରେ ୫୦ ଗୋଟି ସେଗ୍‌ମେଣ୍ଟ୍‌ରେ ଦୁଇଜଣ ଲେଖାଏଁ କରି ୧୦୦ ଜଣଙ୍କୁ ମୁତୟନ କରାଯାଇଛି । ଫଳତଃ ଚଳିତବର୍ଷ ଋଷିକୁଲ୍ୟା ମୁହାଣରେ ଏହି ସମୂହ ଅଣ୍ଡାଦାନ ପ୍ରକ୍ରିୟା ଦିନକୁ ଦିନ ବୃଦ୍ଧି ପାଇବା ସହ ଏହି ମୁହାଣ ଏକ ବୃହତ୍ତମ ଗଣ ଅଣ୍ଡାଦାନ ସ୍ଥଳୀ ରୂପେ ନିଜର ସ୍ୱତନ୍ତ୍ର ପରିଚିତି ସୃଷ୍ଟି କରିପାରିଛି ।

**ଡକ୍ଟର ମନୋରଞ୍ଜନ ବିଷୋୟୀ,** ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତ୍ତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତ୍ତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ଚଳିତ ବର୍ଷ ଅନ୍‌ଲାଇନ୍‌ରେ ହେବ ଏସ୍.ଓ.ଏଫ୍ ଅଲମ୍ପିଆଡ୍ ପରିକ୍ଷା

ରାଉରକେଲା, ୨୨/୧୦: ଆନ୍ତର୍ଜାତିୟସ୍ତରରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଲମ୍ପିଆଡ୍ ପରିକ୍ଷା କରାଉଥିବା 'ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍' ପକ୍ଷରୁ ଚଳିତ ଏକାଡେମିକ୍ ଇୟର ପାଇଁ ଅନ୍‌ଲାଇନ୍ ପରିକ୍ଷାର ଘୋଷଣା କରାଯାଇଛି, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇ ଫାଉଣ୍ଡେସନ୍ ପକ୍ଷରୁ ଏହିପରି ପଦକ୍ଷପ ନିଆଯାଇଛି ଯାହାଦ୍ୱାରା ସମସ୍ତ ଛାତ୍ରଛାତ୍ରୀ ନିଜ ଘରେ ବସି ପରିକ୍ଷା ଦେଇପାରିବେ। ବିଦ୍ୟାର୍ଥିମାନଙ୍କ ଜ୍ଞାନକୌଶଳକୁ ଆନ୍ତର୍ଜାତିୟ, ଜାତିୟ ତଥା ରାଜ୍ୟସ୍ତରରେ ସମ୍ମାନୀତ କରିବା ପାଇଁ ଏସ୍.ଓ.ଏଫ୍ ସବୁବେଳେ ଚେଷ୍ଟାକରିଆସିଛି। ପ୍ରତିବର୍ଷ ପାଖାପାଖି ୧୦ ଲକ୍ଷରୁ ଉର୍ଦ୍ଧ ଛାତ୍ରଛାତ୍ରୀ ଏହି ପରିକ୍ଷାରେ ଭାଗନେଇଥାନ୍ତି। ଗତବର୍ଷ କଟକରୁ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଖାପାଖି ୧୯,୦୦୦ ଛାତ୍ରଛାତ୍ରୀ ଏଥିରେ ଅଶଂଗ୍ରହଣ କରିଥିଲେ। ଚଳିତ ବର୍ଷ ଏସ୍.ଓ.ଏଫ୍ ପକ୍ଷରୁ ମାତ୍ର ୪ଟି ଅଲମ୍ପିଆଡ୍ ପରିକ୍ଷାର ଆୟୋଜନ କରାଯାଇଛି, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ସାଧାରଣଜ୍ଞାନ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଇଂରାଜୀ ଅଲମ୍ପିଆଡ୍, ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଜାତୀୟ ବିଜ୍ଞାନ ଅଲମ୍ପିଆଡ୍ ଏବଂ ଏସ୍.ଓ.ଏଫ୍ ଆନ୍ତର୍ଜାତିୟ ଗଣିତ ଅଲମ୍ପିଆଡ୍। ଏହି ପରିପେକ୍ଷିରେ ସାଇନ୍ସ ଅଲମ୍ପିଆଡ୍ ଫାଉଁଡେସନ୍‌ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ମହାବିର୍ ସିଂ କହିଛନ୍ତି, "ଗତବର୍ଷ ଏହି ପରିକ୍ଷା ଅଫ୍‌ଲାଇନ୍ ହୋଇଥିଲା ଏବଂ ଏହି ପ୍ରତିଯୋଗିତାରେ ୩୨ଟି ଦେଶରୁ ପାଖାପାଖି ୫୬,୦୦୦ ବିଦ୍ୟାଳୟର ଲକ୍ଷାଧିକ ଛାତ୍ରଛାତ୍ରୀ ଭାଗନେଇଥଲେ କିନ୍ତୁ ଚଳିତ ବର୍ଷ ଆମେ ସମସ୍ତ ପରିକ୍ଷା ଅନ୍‌ଲାଇନ୍‌କରିବାର ଯୋଜନା କରିଛୁ। ପରିକ୍ଷାକୁ ସଠିକ୍ ଭାବରେ ପରିଚାଳିତ କରିବା ପାଇଁ ଆର୍ଟିଫିସିଆଲ୍ ଇଞ୍ଜେଲିଜେନ୍ସ, ରିମୋଟ୍ ପ୍ରୋକ୍ଟରିଂ, ଭିଡିଓ ରେକର୍ଡିଂ ତଥା ଅନ୍ୟାନ ସୁବିଧା କରାଯାଇଛି।"

# ସାହିତ୍ୟ ଚ଼ର୍ଚ୍ଚା ରେ ରୋହିଣୀ କୁମାର ବେହେରା

ଭୁବନେଶ୍ୱର, ୪।୭(ପି.ଏନ): ଶ୍ରୀ ରୋହିଣୀ କୁମାର ବେହେରା ଓଡ଼ିଶା ସରକାର ଙ୍କ ଶିକ୍ଷ ବିଭାଗ ରୁ ଅବସର ନେବା ପରେ ସାହିତ୍ୟ ସାଧନା ରେ ନିମଗ୍ନ ଅଛନ୍ତି। ଅନେକ ଗୁଡ଼ିଏ ଓଡ଼ିଆ କବିତା ଲେଖିବା ପରେ ଫେସ୍ ବୁକ୍ ରେ ଇଂରାଜୀ କବିତା ଲେଖି ସେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତର ରେ ଖ୍ୟାତି ଅର୍ଜନ କରିଛନ୍ତି। ସର୍ବମୋଟ ତାଙ୍କର ଛଅ ଟି ଇଂରାଜୀ ଚ଼ିତ୍ର ଭିତ୍ତିକ କବିତା ପୁସ୍ତକ ପ୍ରକାଶିତ ହୋଇ ଅଛି। ଏହା ଛଡ଼ା ତାଙ୍କର ଦୁଇଟି ଓଡ଼ିଆ କବିତା ପୁସ୍ତକ ପ୍ରକାଶ ଅପେକ୍ଷା ରେ ରହିଛି। ସେ ଜାତୀୟ ଓ ଅନ୍ତର୍ଜାତୀୟ କ୍ଷେତ୍ରରେ ବହୁ ସମ୍ମାନ ଓ ଉପାଧିରେ ଭୁଷିତ ହୋଇଛନ୍ତି। ବିଶେଷରେ ଆମେରିକା, ଆଫ୍ରିକା, ପେରୁ ଓ ମୋଟିଭେସନାଲ ଷ୍ଟ୍ରିପ ତରଫ ରୁ ବହୁ ସମ୍ମାନ ର ଅଧିକାରୀ ହେଇଛନ୍ତି। ଏବେ ସେ ମୋଟିଭେସନାଲ୍ ଷ୍ଟ୍ରିପ ଏବଂ ସେଚେଲେଶ୍ ର ସଂସ୍କୃତି ବିଭାଗ ଆନୁକୂଲ୍ୟରୁ ଆନ୍ତର୍ଜାତିକ ରବୀନ୍ଦ୍ରନାଥ ଟାଗୋର ସ୍ମୃତି ସମ୍ମାନ ପାଇଁ ବିବେଚ଼ିତ ହୋଇଥିବା ଲେଖକ ମାନଙ୍କ ମଧ୍ୟରୁ ଜଣେ ହୋଇଛନ୍ତି। ଏହା ତାଙ୍କ ପାଇଁ ଅଧିକ ଗୌରବ ଆଣି ଦେଇଛି।



# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଶଂ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଣ୍ଟି ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ

ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ

ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର, ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧ୍ୟକ୍ଷ, ସିନାନ୍ ଓଜ୍‌କୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି। ଜାପାନରେ ଡିଜାଇନ୍ ହୋଇଥିବା ଓ ଭାରତୀୟ ଗ୍ରାହକଙ୍କ ଆବଶ୍ୟକତା ଓ ଆକାଂକ୍ଷାକୁ ଦୃଷ୍ଟିରେ ରଖି ନିର୍ମିତ ଅଲ୍ ନ୍ୟୁ ନିଶାନ ମାଗ୍ନାଇଟ୍‌ରେ ଏକାଧିକ ଫାର୍ଷ୍ଟ-ଇନ୍-କ୍ଲାସ୍ ଓ ବେଷ୍ଟ-ଇନ୍-ସେଗମେଂଟ୍ ଫିଚର ରହିଛି। ଏହାର ଫାର୍ଷ୍ଟ-ଇନ୍-କ୍ଲାସ୍ ଫ୍ଲେୟାର ଗାରନେଟ୍ ରେଡ୍ (ଟିଂଟ୍ କୋଟ୍) କଲର୍ ଗଭୀରତା ଓ ଉନ୍ନତ ଗୁଣବତା ସହ ପ୍ରିମିୟମନେସ୍‌କୁ ପ୍ରତିଫଳନ କରୁଛି। ଏହା ୯ଟି ବଡି କଲର୍‌ଏ ୫ଟି ମୋନୋଟୋନ୍ ଓ ୪ଟି ଡୁଆଲ ଟୋନ୍ କଲର୍‌ରେ ଉପଲବ୍ଧ ହେଉଛି। ଏହି କାର୍‌ରେ ସବୁଠାରୁ ପତଳା ହେଡ୍‌ଲ୍ୟାମ୍ପ, ହାଲୁକା ସେପର-ଷ୍ଟାଇଲ୍ ଟର୍ଣ୍ଣ ଇଣ୍ଡିକେଟର, ଏଲ୍- ସେପ୍ ଏଲଇଡି ଡେଟାଇମ୍ ରନିଙ୍ଗ ଲାଇଟ୍‌ସ (ଡିଆର୍‌ଏଲ୍) ଓ ଡୋମିନେଟିଙ୍ଗ୍ ଫ୍ରଂଟ୍ ଗ୍ରିଲ୍ ରହିଛି। ଏଥିରେ ବ୍ୟାପକ ଶୃଙ୍ଖଳାର ଆକ୍‌ସେସରିଜ୍, ଏକ ୱାୟାରଲେସ୍ ଚାର୍ଜର, ଏୟାର ପ୍ୟୁରିଫାୟାର, ପଡଲ୍ ଲ୍ୟାମ୍ପ ଓ ଆମ୍ବିଏଂଟ୍ ମୁଡ୍ ଲାଇଟିଙ୍ଗ ଥିବା ଟେକ୍ ପାକ୍ ରହିଛି। ଏହାର ହରାଇଜୋଂଟାଲ ଇନ୍‌ଷ୍ଟ୍ରୁମେଂଟ୍ ପ୍ୟାନେଲ ଷ୍ଟ୍ରକ୍‌ଚରର ଡବଲ ଡେକ୍ କନ୍‌ସୋଲ ଏହି କାର୍‌କୁ ଅଧିକ ଚଉଡା କରୁଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଚାଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଚାଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଚାଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଠକ୍ତଙ୍କକ୍ଷପ୍ତ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତ୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ,

ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଚାଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଚାହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଚମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତ୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଚାଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଚାଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଚାଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାଙ୍କୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତ୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ।

# କୋଟାକ ମ୍ୟୁଚୁଆଲ ଫଣ୍ଡ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଠକ୍ଷପ୍ତ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତ୍ତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ

ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ଼୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଠକ୍ଷପ୍ତ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ

ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଠକ୍ଷପ୍ତ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

## ୩ ଜଣ ବାଇକ୍ ଲୁଟେରା ଗିରଫ

ଗଞ୍ଜାମ,(ପି.ଏନ): ବ୍ରହ୍ମପୁର ଟାଉନ୍ ଥାନା ପୋଲିସ ୩ ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁର ମୋଚିସାହିର ଏ. ଶିବ, ଖଲାସୀ ସାହିର ଜି. ପ୍ରଶାନ୍ତ ଏବଂ ଅନ୍ୟ ଜଣେ। ଏମାନଙ୍କ ଠାରୁ ଏକ ଚୋରି ବାଇକ୍ କୁ ମଧ ଜବତ କରିଛି ପୋଲିସ। ଗତ ୨୮ ତାରିଖରେ ଧର୍ମନଗର ସ୍ଥିତ ଏସବିଆଇ ଏଟିଏମ୍ ନିକଟରେ ବାଇକ୍ ରଖି ଗୋଇଲୁଣ୍ଡି ଅଂଚଳର ଜି. ନବୀନ କୌଣସି କାମରେ ନିକଟକୁ ଯାଇଥିଲେ। ବାଇକ୍ ରେ ଚାବି ପଡିନଥିବା ଦେଖି ଏହି ୩ ଜଣ ଅଭିଯୁକ୍ତ ବାଇକ୍ ନେଇ ଚମ୍ପଟ୍ ମାରିଥିଲେ। ଏନେଇ ସେ ସ୍ଥାନୀୟ ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ କରି ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରିବା ସହ କୋର୍ଟଚାଲାଣ କରିଛି।




# ଜମ୍ମୁରେ ଦୁଇ ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀଙ୍କୁ ଧରିଲେ ଗ୍ରାମବାସୀ; ଗାଁଲୋକଙ୍କୁ ପୁରସ୍କାର ଦେବେ ଉପରାଜ୍ୟପାଳ



ଶ୍ରୀନଗର, (ପି.ଏନ): ଜମ୍ମୁକାଶ୍ମୀରର ରିଆସି ଜିଲ୍ଲାରେ ଏକ ଗାଁର ଗ୍ରାମବାସୀମାନେ ବିପଦପୂର୍ଣ୍ଣ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ସହିତ ୨ ଜଣ ଆତଙ୍କବାଦୀଙ୍କୁ ଧରିଛନ୍ତି। ଧରାପଡ଼ିଥିବା ଦୁଇଜଣ ଆତଙ୍କବାଦୀ ସେଠାକାର ସୁରକ୍ଷାକର୍ମୀ ଓ ପୋଲିସମାନଙ୍କ ପାଇଁ ମୋଷ୍ଟୱାଣ୍ଟେଡ୍ ଥିଲେ। ଏହି ଦୁଇଜଣ ଆତଙ୍କୀ ଲସ୍କର-ଏ-ତୋଏବା ଆତଙ୍କବାଦୀ ସଙ୍ଗଠନର ସଦସ୍ୟ ବୋଲି ଜଣାପଡ଼ିଛି। ଧରା ପଡ଼ିଥିବା ଦୁଇ ଆତଙ୍କବାଦୀଙ୍କ ପରିଚୟ ପୁଲୱାମାର ଫୈଜଲ ଅହମ୍ମଦ ଡାର ଓ ରାଜୌରିର ତାଲିବାନ ହୁସେନ ଶାହା ବୋଲି ଜଣାପଡ଼ିଛି। ଗ୍ରାମବାସୀମାନଙ୍କର ଏପରି ସାହସ ପାଇଁ ଜମ୍ମୁକାଶ୍ମୀର୍ ?ର ଉପରାଜ୍ୟପାଳ ମନୋଜ ସିହ୍ନା ଗ୍ରାମବାସୀମାନଙ୍କୁ ୫ ଲକ୍ଷ ଟଙ୍କା ପୁରସ୍କାରଦେବେ ବୋଲି ଘୋଷଣା କରିଛନ୍ତି। ଜମ୍ମୁକଶ୍ମୀର ଅତିରକ୍ତ ପୋଲିସ ମହାନିର୍ଦ୍ଦେଶକ ମୁକେଶ ସିଂହ କହିଛନ୍ତି 'ପୋଲିସ ଓ ସେନାର ଲଗାତାର କାର୍ଯ୍ୟାନୁଷ୍ଠାନ ପାଇଁ ସେହି ଅଞ୍ଚଳକୁ ଆଶ୍ରୟ ନେବା ପାଇଁ ଆସିଥିବା ଲସ୍କର-ଏ-ତୋଏବାର ଦୁଇଜଣ ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀଙ୍କୁ ଧରିବାରେ ଟୁକସନ ଢୋକର ଗ୍ରାମବାସୀ ବହୁତ ସାହସ ଦେଖାଇଛନ୍ତି'। ଧରାପଡ଼ିଥିବା ଆତଙ୍କବାଦୀଙ୍କ ଠାରୁ ଦୁଇଟି ଏକେ ରାଇଫଲ, ୭ଟି ଗ୍ରେନେଡ, ଗୋଟିଏ ପିସ୍ତଲ, ଓ ବହୁ ମାତ୍ରାରେ ଗୋଳାବାରୁଦ ଜବତ କରାଯାଇଛି ବୋଲି ସେ କହିଛନ୍ତି। ଜଣେ ଅଧିକାରୀ କହିଛନ୍ତି ପ୍ରାଥମିକ ପଚ଼ରାଉଚୁରା ସମୟରେ ଜଣାପଡ଼ିଛିଯେ ଧରାପଡ଼ିଥିବା ଦୁଇଜଣ ଆତଙ୍କବାଦୀ ଲସ୍କରର ଜଣେ ପାକିସ୍ତାନୀ ଆତଙ୍କବାଦୀ ସଲମାନ ସହିତ ସମ୍ପର୍କରେ ଥିଲେ।

## ପଚାଂଯତ ଉଚ୍ଚ ବିଦ୍ୟାଳୟ ନେହେନାର ୨୫ତମ ପ୍ରତିଷ୍ଠା ଦିବସ ପାଳିତ

ନୂଆପଡ଼ା,(ପି.ଏନ): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ନେହେନା ଗ୍ରାମ ସ୍ଥିତ ପଂଚାୟତ ଉଚ୍ଚ ବିଦ୍ୟାଳୟର ୨୫ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ସରପଞ୍ଚ ଅଶୋକା ଦଣ୍ଡସେନା ଯୋଗଦେଇ ଅଂଚଳରେ ଶିକ୍ଷାର ଆଲୋକ ପ୍ରଦାନ କରି ଉତ୍ତମ ଚରିତ୍ର ଏବଂ ସଚୋଟ ନାଗରିକ ଗଠନ କରିବାର କାରଖାନା ହେଉଛି ସ୍କୁଲ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ରୂପେ ସଭାରେ ପୂର୍ବତନ ସରପଂଚ କାର୍ତିକେଶ୍ୱର ମଲ୍ଲିକ, ସମ୍ମାନିତ ଅତିଥି ରୂପେ ସମିତି ସଭ୍ୟା ପ୍ରତିନିଧି ରୁଦ୍ର ମାଧବ ରାଉତ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ରୂପେ ପ୍ରତିଷ୍ଠାତା ସଭ୍ୟ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ଯୋଗେଶ୍ୱର ରାଉତରାୟ ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବରେ ସାମ୍ବାଦିକ ଧୀରେନ୍ଦ୍ର ଦଣ୍ଡସେନା ଯୋଗ ଦେଇଥିଲେ।ସେହିପରି ସଭାରେ ପ୍ରଧାନ ଶିକ୍ଷକ ପୁରନ୍ଦର ସୁନାନୀ ସଭାପତିତ୍ୱ କରିଥିଲେ। ବ୍ରହ୍ମାନନ୍ଦ ରାଉତରାୟ ସ୍ୱଂଗତ ସମଭାଷଣ ଦେଇଥିଲେ।ପ୍ରଥମେ ଅତିଥି ଦ୍ୱାରା ବୃକ୍ଷ ରୋପଣ କରିଥିଲେ।

# ରାଉରକେଲା ଶିକ୍ଷା ଜିଲ୍ଲା ଲାଗି ଖୁସି ଖବର : ସରକାର କଥା ଶୁଣିଲେ, ନିଯୁକ୍ତି ପାଇବେ ସିଟି ଏଜୁକେଶନ ଅଫିସର

ରାଉରକେଲା, (ପି.ଏନ): ରାଉରକେଲାରୁ ଶିକ୍ଷା ବିଭାଗର ଅଫିସ (ବିଇଓ ଅଫିସ) ବିଶ୍ରା ଉଠିଜିବା ପରେ ଏହି ଅଫିସ ଅଧିନରେ ଥିବା ୯୦ ଭାଗ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଅଭିଭାବକ, ଶିକ୍ଷକ ମହଲରେ ଯେଉଁ ଚିନ୍ତା ଥିଲା ତାହାର ସମାଧାନ ସରକାର କରିଛନ୍ତି, ଯେଉଁ ଦାବି ଥିଲା ତାକୁ ମଧ୍ୟ ରାଜ୍ୟ ସରକାର ସହୃଦୟତାର ସହ ଶୁଣିଛନ୍ତି। ରାଉରକେଲା ସମେତ ୫ଟି ସ୍ଥାନରେ ଜିଲ୍ଲାପାଳ ମାନଙ୍କୁ ଏଡିଓ ର୍ୟାଙ୍କର ଅଫିସରଙ୍କୁ ନେଇ ସିଟି ଏଜୁକେଶନ ଅଫିସର ନିଯୁକ୍ତ କରି ସହରାଂଚଳ ଶିକ୍ଷା ବ୍ୟବସ୍ଥାକୁ ଚଳାଇବାକୁ ସରକାର ଆଦେଶ ଦେଇଛନ୍ତି । ଏନେଇ ୨ ତାରିଖରେ ଆଡିସନାଲ ସେକ୍ରେଟାରୀ ସମ୍ବିତ କୁମାର ନାୟକ ତାଙ୍କ ଚିଠି ନମ୍ବର ୧୪୦୨୨ରେ ଖୋର୍ଦ୍ଧା, କଟକ, ସମ୍ବଲପୁର, ଗଂଜାମ, ସୁନ୍ଦରଗଡ ଜିଲ୍ଲାପାଳ ମାନଙ୍କୁ ଚିଠି ଲେଖି ଜଣେ ସହକାରୀ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ସିଟି ଏଜୁକେଶନ ଅଫିସର ଭାବେ ଦାୟିତ୍ୱ ଦେବାକୁ କହିଛନ୍ତି ।ଏହି ଖବର ଆଜି ରାଉରକେଲା ଆଖ ପାଖରେ ପ୍ରଚାର ହେବା ପରେ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ମହଲରେ ଖୁସିର ଲହରି ଖେଳି ଯାଇଛି । ଏହା ବ୍ୟତୀତ ରାଉରକେଲାରେ ଥିବା ବେସରକାରୀ ବିଦ୍ୟାଳୟ ଗୁଡିକ ଲାଗି ମଧ୍ୟ ଖୁସିର ଖବର ବୋଲି ମତପ୍ରକାଶ ପାଇଛି । ତେବେ ଏହି ଆଦେଶ ନାମାର ସମାଧାନ କିପରି ଜିଲ୍ଲାପାଳ କରିବେ ସେ ନେଇ ନାନା ପ୍ରଶ୍ନ ଉଠିଛି । ରାଜ୍ୟରେ ମୋଟ ୧୦୪ ଜଣ ପାଖା ପାଖି ଏଡିଓ ପଦବୀ ସୃଷ୍ଟି କରାଯାଇଥିଲା, ସରକାରଙ୍କ ଏହି ଆଦେଶନାମା ଅନୁଶାରେ ଆଉ ୪ରୁ ୫ ଏଡିଓ ଦରକାର, ଏତିକି ବେଳେ ସୁନ୍ଦରଗଡ ଜିଲ୍ଲାରେ ମାତ୍ର ଏଡିଓଙ୍କ ସଂଖ୍ୟା ୧, ତାଙ୍କ ଉପରେ ମଧ ଅନେକ ଚାପ ରହୁଛି, ଏତିକି ବେଳେ ଏହି ଆଦେଶ ନାମା ଅନୁଶାରେ ଜିଲ୍ଲାପାଳ ଏହି ଗୁରୁତ୍ୱପୁର୍ଣ ଦାୟିତ୍ୱ କାହାକୁ ଦେବେ ସେନେଇ ଆଲୋଚନା ଚାଲିଛି । ଜିଲ୍ଲାରେ ବର୍ତମାନ ନୂଆ ଜିଲ୍ଲାପାଳ ଯୋଗଦାନ କରିଛନ୍ତି। ଅବଶ୍ୟ ତାଙ୍କୁ ଏ ସମସ୍ୟା ସଂପର୍କରେ ବିଭାଗ ପକ୍ଷରୁ ସବୁ ଜଣାଯାଇଥିବ, ତେବେ ପଦବୀର ଦାୟିତ୍ୱ ନେବା ଲାଗି ଯଦି ଅଫିସର ନଥାନ୍ତି ସେ କଣ କରିପାରିବେ । ଏ ନେଇ ଜଣେ ପୁରାତନ ଶିକ୍ଷକ ସଂଜୟ ସାମଲ କହିଛନ୍ତି ଜଣେ ଦକ୍ଷ ଏଡିଓଙ୍କୁ ଏହି ପଦବୀରେ ରଖାଯାଇ ପୁରୁଣା ଡିଆଇ ଅଫିସକୁ ସିଟି ଏଜୁକେଶନ ଅଫିସ କରାଗଲେ ସମସ୍ତଙ୍କ ଲାଗି ସୁବିଧା ହେବ ଓ ମାନ୍ୟବର ବିଧାୟକ ଏହି ଅଫିସ ଗୃହ ଲାଗି ଯେଉଁ ଉଦ୍ୟମ କରିଥିଲେ ତାର ମଧ ସମ୍ମାନ ରହିବ । ସେହିଭଳି ନାମ ପ୍ରକାଶ ନକରି କିଛି ପୁରାତନ ଶିକ୍ଷକ କହିଛନ୍ତି ରାଉରକେଲାର ସେହି ଅଫିସକୁ ସିଟି ଏଜୁକେଶନ ଅଫିସ କରାଯାଉ, ଦରକାର ପଡିଲେ ବାହାରୁ ଜଣେ ଏଡିଓଙ୍କୁ ଏଠାକୁ ଅଣାଯାଉ ନଚେତ ଜିଲ୍ଲାରେ ଥିବା ଏଡିଓଙ୍କୁ ଏହି ଦାୟିତ୍ୱ ଦିଆଜିବା ସହ ତାଙ୍କୁ ସହଯୋଗ ଲାଗି ବିଶ୍ରା ବିଇଓଙ୍କୁ ଦାୟିତ୍ୱ ଦିଆଯାଉ । ଏହି ଅଫିସ କିଭଳି ଚାଲିଛି ଶିକ୍ଷକ, ଛାତ୍ର ଛାତ୍ରୀ ଓ ଅଭିଭାବକ ମାନେ ନ୍ୟାୟ ପାଉଛନ୍ତି କି ନାହିଁ ତାକୁ ତୁରନ୍ତ ଦେଖିବା ଲାଗି ଜଣେ ପ୍ରଶାସନିକ ଅଧିକାରୀଙ୍କୁ ମଧ ଏଥିରେ ସଂଯୋଗ କରାଯାଉ ବୋଲି ମତପ୍ରକାଶ ପାଇଛି । ତେବେ ଏହାକୁ ତୁରନ୍ତ କାର୍ଯ୍ୟକାରୀ କରାଯାଇ ଅଫିସ କାମ କରିବା ଆରମ୍ଭ କଲେ ଅନେକ ଅବସର ପ୍ରାପ୍ତ ଶିକ୍ଷକ ମାନଙ୍କର ସମସ୍ୟା ସମାଧାନ ହେବା ସହ ବିଶ୍ରା ବିଇଓ ଅଫିସ କାମପୁର୍ଣ ଭାବେ କାମ କରୁନାହିଁ ବୋଲି ଯେଉଁ ଅଭିଯୋଗ ଆସୁଥିଲା ତାର ମଧ ସମାଧାନ ହୋଇପାରିବ । ଅନ୍ୟପକ୍ଷରେ ଯଦି ବିଇଓ ବିଶ୍ରାଙ୍କୁ ଏଡିଓଙ୍କ ସହ ସହଯୋଗ କରିବା ଲାଗି ରଖାଯାଏ ତେବେ ସମସ୍ୟାର ପୁରା ସମାଧାନ ନହେବା ଯାଏ ଜଣେ ବରିଷ୍ଠ ଏବିଇଓଙ୍କୁ ବିଶ୍ରା ଅଂଚଳ ବୁଝିବା ଲାଗି ରଖାଜିବାକୁ ମତପ୍ରକାଶ ପାଇଛି । ବର୍ତମାନ ସରକାରୀ ବ୍ୟବସ୍ଥାରେ ଅଫିସର କର୍ମଚାଚାରୀ ମାନଙ୍କ ସଂଖ୍ୟା ସବୁସ୍ଥାନରେ ପର୍ଯ୍ୟାପ୍ତ ପରିମାଣରେ ନଥିବାରୁ ଏହି ପଦବୀ ଲାଗି ଏହିଭଳି ଏକ ସମାଧାନର ରାସ୍ତା ବାହାର କରାଯାଇ କାମ କରାଯାଇ ଅଭିଭାବକ, ପିଲା ଓ ଶିକ୍ଷକ ମାନଙ୍କୁ ସହଯୋଗ କରାଜିବାକୁ ଦାବି ହେଉଛି । ତେବେ ଏନେଇ ଜିଲ୍ଲାପାଳ ସୁନ୍ଦରଗଡଙ୍କୁ ଯୋଗାଯୋଗ କରାଜିବାକୁ ଚେଷ୍ଟା କରାଯାଇଥିଲେ ମଧ ସମ୍ଭବ ହୋଇନଥିଲା।

# ବୋଡ଼େନ ଗୋଷ୍ଠି ଶିକ୍ଷା ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ନୂଆପଡ଼ା, (ପି.ଏନ) ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ବୋଡ଼େନ ପଚାଂୟତ ସମିତି ସଭା ଗୃହ ଠାରେ ବୋଡ଼େନ ଗୋଷ୍ଠି ଶିକ୍ଷା ଅଧିକାରୀ ସରୋଜ କୁମାର ବେହେରାଙ୍କୁ ବିଇଓ କାର୍ଯ୍ୟାଳୟ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ବୋଡ଼େନ ତହସିଲଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ବୋଡ଼େନ ସିଆରସିସି ସଂଘର ସଭାପତି ତଥା ସିଆଇଲଟିର ବୈଷ୍ଣବ ଦୁରିଆ ଅତିଥି ପରିଚୟ ଓ ମଂଚ ପରିଚାଳନା କରିଥିଲେ ।ଏହି ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବରେ ସ୍ଥାନୀୟ ବିଡ଼ିଓ ପୂର୍ଣ୍ଣଚନ୍ଦ୍ର ଭୋଇ ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ବୋଡ଼େନ ବିଜୁ ପଟ୍ଟନାୟକ ମହା ବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ରବି ରଞ୍ଜନ ପ୍ରଧାନ ମଂଚାସିନ ଥିଲେ । ସମ୍ମାନିତ ଅତିଥି ଭାବରେ ପ୍ରେମାନନ୍ଦ ନାଏକ, କ୍ଷେମରାଜ୍ ମହାପାତ୍ର, ଦିଲ୍ଲୀପ କୁମାର ଦାସ ପ୍ରମୁଖ ସଭାରେ ଯୋଗ ଦେଇଥିଲେ । ମଂଚାସୀନ ଅତିଥି ମାନଙ୍କ ଦ୍ୱାରା ଅବସର ଗ୍ରହଣ କରିଥିବା ଗୋଷ୍ଠି ଶିକ୍ଷା ଅଧିକାରୀ ସରୋଜ କୁମାର ବେହେରାଙ୍କ ଶିକ୍ଷକତା ଜୀବନର ଆରମ୍ଭ ଠୁ ଶିକ୍ଷା ଅଧିକାରୀ ପର୍ଯ୍ୟନ୍ତ, ନିର୍ଭିକ, ନିଷ୍କଳଙ୍କ, ଅନୁଭୂତି ସମ୍ପର୍ଣ୍ଣ ଦାୟୀତ୍ୱ ତୁଲାଇଥିବା ତଥା ସହକର୍ମୀ ମାନଙ୍କ ସହିତ ଉତମ ସମ୍ପର୍କ ସ୍ଥାପନ କରି ସୁକାର୍ଯ୍ୟ ତୁଲାଇଥିବା ଉପରେ ନିଜନିଜ ବକ୍ତବ୍ୟ ରଖିଥିଲେ ଓ ତାଙ୍କ ଅନୁଭୂତିର ସ୍ମୃତିଚାରଣ କରିଥିଲେ । ଶ୍ରୀ ବେହେରା ସେ ତାଙ୍କ ୨୨ବର୍ଷ ବୟସରୁ ଶିକ୍ଷା ବିଭାଗରେ ଯୋଗଦାନ କରି ୩୮ବର୍ଷ ଶିକ୍ଷା ବିଭାଗରେ ନିଷ୍ଠାପର ଶିକ୍ଷା, ସେବା ଓ ତାଙ୍କ ଅବଦାନ ଶିକ୍ଷା ବିଭାଗ ପାଇଁ ଚିର ସ୍ମରଣୀୟ ହୋଇ ରହିବ ବୋଲି ପ୍ରେମାନନ୍ଦ ନାଏକ ମତ ରଖିଥିବା ବେଳେ କରଙ୍ଗାମାଲ ଜିତେନ୍ଦ୍ର କୁମାର ହଂସ ମାନପତ୍ର ପଠନ କରିଥିଲେ ।ଏହି ଅବସରରେ ଶ୍ରୀ ବେହେରାଙ୍କୁ ମୁଖ୍ୟ ଅତିଥି ପୂର୍ଣ୍ଣଚନ୍ଦ୍ର ଭୋଇଙ୍କ ଦ୍ୱାରା ଉପଢୌକନ ସହ ମାନପତ୍ର ପ୍ରଦାନ କରାଯାଇଥିବା ବେଳେ ବୋଡ଼େନ ଗୋଷ୍ଠି ଶିକ୍ଷା ଅଧିନସ୍ଥ ସମସ୍ତ ପ୍ରଧାନ ଶିକ୍ଷକ, ସହ ଶିକ୍ଷକ ଶିକ୍ଷୟତ୍ରୀ, ଶ୍ରୀ ବେହେରାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ନିଜ ଜନ୍ମ ମାଟି, ନିଜସ୍ୱ ଗାଁରେ ମଧ ନିଜ ପରିବାର ତଥା ଗ୍ରାମବାସୀଙ୍କ ଦ୍ୱାରା ବହୁ ଧୁମଧାମରେ ଶ୍ରୀ ବେହେରାଙ୍କୁ ପୁଷ୍ପ ମାଲ୍ୟ ଓ ଉପଢୌକନ ପୂର୍ବକ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ସୁନମୁଦୀର ମିନିକେତନ୍ ନିଆଲ ସ୍ୱ ଲିଖିତ କବିତା ଆବୃତି କରିଥିଲେ ଓ ଶେଷରେ ରିଖିରାମ ଜଗତ, ଉମାକାନ୍ତ ବାଗ, ପିତାମ୍ବର ଦୀପଙ୍କ ସହ ଭୂପତି ଦୂରିଆ ଅବସରକାଳୀନ ସମ୍ବର୍ଦ୍ଧନା ସଙ୍ଗୀତ ପରିବେଷଣ କରିଥିଲେ ।

## ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ

ବଲାଙ୍ଗିର,(ପି.ଏନ): ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ବଲାଙ୍ଗିରର ଆନୁକୂଲ୍ୟରେ ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ଶିବିରଟିକୁ ଓଡିଶା ଅବସରପ୍ରାପ୍ତ କର୍ମଚାରୀ ସଂଘର ସଂପାଦକ ମଲିଆ ଗଡୁଆ ସଂଯୋଜନା କରିଥିଲେ । ବ୍ୟାଙ୍କର ମୁଖ୍ୟ ପ୍ରବନ୍ଧକ ସତ୍ୟନାରାୟଣ ମାଝି ଏବଂ ଆଂଚଳିକ ପ୍ରବନ୍ଧକଙ୍କ ସମେତ ବ୍ୟାଙ୍କର ଅନ୍ୟ କର୍ମକର୍ତା ବୃନ୍ଦ ଉପସ୍ଥିତ ରହି ଏହି ଶିବିରକୁ ପରିଚାଳନାରେ ସହଯୋଗ କରିଥିଲେ । କର୍ମଚାରୀ ସଂଘର ଉପସଭାପତି ପ୍ରଶନ୍ନ କୁମାର ମିଶ୍ର ଓ ପର୍ଶୁରାମ ନାୟକ, ଯୁଗ୍ମ ସଂପାଦକ ପୁରୁଷୋତମ ପଣ୍ଡା, କାର୍ଯ୍ୟକାରୀ ସଭ୍ୟ ଗୋପବନ୍ଧୁ ପୁରୋହିତ, କୃଷ୍ଣଚନ୍ଦ୍ର ମହାକୁର, ହରେକୃଷ୍ଣ ପଟେଲ, ମନୋରଂଜନ ମିଶ୍ର, ରଘୁନାଥ ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ପ୍ରଦୀପ କୁମାର ସାହୁ, ନିଳମଣି ମିଶ୍ର ସମେତ ୩୧ ଜଣ କର୍ମଚାରୀ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେଇଥିଲେ ।

# ବଲାଙ୍ଗିର ପଲିଟେକ୍ନିକର ବାର୍ଷିକ ଉତ୍ସବ ଗୁଞ୍ଜନ-୨୦୨୨ ଅନୁଷ୍ଠିତ

ବଲାଙ୍ଗିର, (ପି.ଏନ): ବଲାଙ୍ଗିର ପଲିଟେକ୍ନିକ୍ର ବାର୍ଷିକ ଉତ୍ସବ 'ଗୁଞ୍ଜନ-୨୦୨୨' ଏହାର ବାଳକ ଛାତ୍ରାବାସ ପ୍ରାଙ୍ଗଣରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଜିଲ୍ଲାପାଳ ଚଞ୍ଚଳ ରାଣା ମୁଖ୍ୟ ଅତିଥି ଓ ଭୀମଭୋଇ ଭେଷଜ ମହାବିଦ୍ୟାଳୟର ଡିନ୍ ଏବଂ ଅଧକ୍ଷ ପ୍ରଫେସର ଡ. ସବିତା ମହାପାତ୍ର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ଅଧକ୍ଷ ଡ. ପ୍ରବିର କୁମାର ମହାନ୍ତିଏହି ଉତ୍ସବରେ ପୌରାହିତ୍ୟ କରିବା ସହ ସ୍ୱଗତ ସଂଭାଷଣ, ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଉକ୍ତ ଅବସରରେ ଅନୁଷ୍ଠାନର ପ୍ରଥମ ଥର ପ୍ରକାଶ ପାଉଥିବା ବାର୍ଷିକ ପତ୍ରିକା 'ଟେକ୍ଲିଟ୍' ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ପଲିଟେକ୍ନିକ ସ୍ତରରେ ଏପରି ଏକ ଉତ୍ସବର ଆୟୋଜନକୁ ଜିଲ୍ଲାପାଳ ଭୂୟସି ପ୍ରଶଂସା କରିବା ସହ ସମୟ ଓ ପରିସ୍ଥିତି ସହ ନିଜକୁ ସାମିଲ କରି ଉତମ ଗୁଣବତାର ଅଧିକାରୀ ହେବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ । ଆଗାମୀ ଦିନରେ ପଶ୍ଚିମ ଓଡିଶାର ଦଶ ଗୋଟି ଜିଲ୍ଲାରେ ଥିବା ସମସ୍ତ ପଲିଟେକ୍ନିକ୍ ଓ ଆଇଟିଆଇର ଛାତ୍ରଛାତ୍ରୀ ମାନଙ୍କୁ ନେଇ ବଲାଙ୍ଗିରରେ ଏକ ସାମୁହିକ ପ୍ରତିଯୋଗିତାର ଆୟୋଜନ କରିବାର ଇଚ୍ଛା ବ୍ୟକ୍ତ କରିଥିଲେ । ସମ୍ମାନୀତ ଅତିଥି ଡ. ମହାପାତ୍ର ଶିକ୍ଷା ଓ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । କ୍ରୀଡା, ସାଂସ୍କୃତିକ ଓ ଜ୍ଞାନ ବିଜ୍ଞାନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ବିତରଣ କରାଯାଇଥିଲା । ଷଷ୍ଠ ସେମିଷ୍ଟାର(ମେକାନିକାଲ)ର ଛାତ୍ର ସ୍ୱପ୍ରଜିତ୍ କୁମାର ବର୍ଦ୍ଧନଙ୍କୁ ଷ୍ଟୁଡେଂଟ ଅଫ୍ ଦି ବେଚ୍ ଓ ବାଳିକା ବିଭାଗରେ ଚମ୍ପିଆନ୍ ଏବଂ ଷଷ୍ଠ ସେମିଷ୍ଟାର(ସିଭିଲ୍)ର ଛାତ୍ରୀ ସୁଶ୍ରୀ ଲିପ୍ସିତା ଶୁଭଦର୍ଶିନୀ ରଣାଙ୍କୁ ବାଳିକା ବିଭାଗର ଚେମ୍ପିଆନ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଉକ୍ତ ଅନୁଷ୍ଠାନରୁ ଉତୀର୍ଣ୍ଣ ହୋଇ ନିଜକୁ ପ୍ରତିଷ୍ଠିତ କରିପାରିଥିବା କିଛି ପୂର୍ବତନ ଆଦର୍ଶ ଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ସ୍ଥାନୀୟ ସଂଗୀତକାର କୃଷ୍ଣ ସାହୁଙ୍କ ତତ୍ୱାବଧାନରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସ୍ୱାଗତ ଓ ଉଦଯାପନୀ ସଂଗୀତ ପରିବେଶଣ କରାଯାଇଥିଲା । ଛାତ୍ର ଛାତ୍ରୀମାନେ ଅନ୍ୟାନ୍ୟ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ ନିଜର ପ୍ରତିଭାର ପରିଚୟ ଦେଇଥିଲେ । ଶେଷରେ ଛାତ୍ରଛାତ୍ରୀମାନଙ୍କ ମନୋରଞ୍ଜନ ପାଇଁ ଭୁବନେଶ୍ୱରର ପ୍ରିନ୍ସ ଅର୍କେଷ୍ଟ୍ରା ଦ୍ୱାରା ମ୍ୟୁଜିକାଲ୍ ନାଇଟରେ ବିଭିନ୍ନ ମନୋରଞ୍ଜନ ଧର୍ମି ସଂଗୀତ ପରିବେଶଣ କରାଯାଇଥିଲା । ଅଧାପକ ସୌରଭ କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ଅଧାପକ ଅଧାପିକା ଓ କର୍ମଚାରୀଙ୍କ ସହଯୋଗରେ ଉତ୍ସବଟି ଶାନ୍ତି ଶୃଙ୍ଖଳା ସହ ପାଳନ କରାଯାଇଥିଲା । ଶେଷରେ 'ଗୁଞ୍ଜନ-୨୦୨୨'ର ମୁଖ୍ୟ ଆୟୋଜକ ବରିଷ୍ଠ ଅଧାପକ ସତ୍ୟଜିତ ଦଳଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

# କହ୍ନେଇ କଥା ପୁରସ୍କାର ପାଇବେ ଯୁବ ଗାଳ୍ପିକ ବିରଜା ରାଉତରାୟ

କେନ୍ଦ୍ରାପଡ଼ା,(ପି.ଏନ):କହ୍ନେଇ କଥା ପୁରସ୍କାର - ୨୦୨୨ ପାଇବାକୁ କେନ୍ଦ୍ରାପଡାର ଯୁବ ଗାଳ୍ପିକ ଡଃ. ବିରଜା ପ୍ରସାଦ ରାଉତରାୟ ମନୋନୀତ ହୋଇଥିବା ସମ୍ପର୍କରେ କହ୍ନେଇଲାଲ ସ୍ମୃତି ସଂସଦ ପକ୍ଷରୁ ଏକ ପ୍ରେସ ବିବୃତ୍ତିରେ ସୂଚନା ଦିଆଯାଇଛି। ସଂସଦ ପକ୍ଷରୁ ପ୍ରତିବର୍ଷ କହ୍ନେଇଲାଲ ଦାସଙ୍କ ସ୍ମୃତି ସମାରୋହ ପାଳନ ଅବସରରେ ୫୦ବର୍ଷ ବୟସ ସୀମା ଭିତରେ ରାଜ୍ୟର ଜଣେ ପ୍ରତିଭାବାନ ଗାଳ୍ପିକଙ୍କୁ ଚୟନ କରାଯାଇ କହ୍ନେଇ କଥା ପୁରସ୍କାର ପ୍ରଦାନ କରାଯାଏ। ସେହି କ୍ରମରେ ଚଳିତ -୨୦୨୨ପାଇଁ କେନ୍ଦ୍ରାପଡା ଜିଲ୍ଲାରେ ଡେପୁଟୀ କଲେକ୍ଟର ଭାବେ ଅବସ୍ଥାପିତ ଡଃ. ବିରଜା ପ୍ରସାଦ ରାଉତରାୟ ସର୍ବସମ୍ମତି କ୍ରମେ ମନୋନୀତ ହୋଇଛନ୍ତି। ଆଗାମୀ ୨୪ତାରିଖରେ ବାଲେଶ୍ୱର ଠାରେ ହେବାକୁ ଥିବା ସ୍ମୃତି ସମାରୋହରେ ଡଃ. ରାଉତରାୟଙ୍କୁ ପୁରସ୍କାର ସ୍ୱରୂପ ଦଶ ହଜାର ଟଙ୍କାର ନଗଦ ରାଶି, ମାନପତ୍ର ଓ ଉପାୟନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ। ସେହି ସମାରୋହରେ ଅତିଥି ଭାବେ ବରିଷ୍ଠ ଗାଳ୍ପିକ ଶ୍ୟାମା ପ୍ରସାଦ ଚୌଧୁରୀ ଓ ସୁଖ୍ୟାତ କଥାଶିଳ୍ପୀ ଭୀମ ପୃଷ୍ଟି ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହା ଘୋଷଣା ପରେ ଡଃ. ରାଉତରାୟଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।






# ଖେଳ



# ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Tuesday July 05, 2022 ଭୁବନେଶ୍ୱର ମଙ୍ଗଳବାର, ଜୁଲାଇ ୦୫,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କିସ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ

## ଭଲ ହୃଦୟ, ଭଲ ମଣିଷ ତିଆରି କରେ: ଜିଗ୍‌ମେ ରିନ୍‌ପୋଚେ



ଭୁବନେଶ୍ୱର,୪ ।୭(ପି.ଏନ): ଏକ ଭଲ ହୃଦୟ ଜଣେ ଭଲ ମଣିଷ ତିଆରି କରେ ବୋଲି ବିଶିଷ୍ଟ ବୌଦ୍ଧ ଧର୍ମଗୁରୁ ତଥା ରିପା ଅନ୍ତର୍ଜାତୀୟ କେନ୍ଦ୍ରର ଆଧାତ୍ମିକ ନିର୍ଦ୍ଦେଶକ ଗେଡ୍‌ଲ୍ ଜିଗ୍‌ମେ ରିନ୍‌ପୋଚେ କହିଛନ୍ତି । ସୋମବାର କିସ୍ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ଦୀକ୍ଷାନ୍ତ ଭାଷଣ ପ୍ରଦାନ କରି ରିନ୍‌ପୋଚେ କହିଲେ କିସ୍ ଛାତ୍ରଛାତ୍ରୀଙ୍କ ସଫଳତାର ପଛରେ ଅନେକ ଲୋକଙ୍କ ଅବଦାନ ରହିଛି । ଆଗାମୀ ଦିନରେ ସେହିମାନଙ୍କ ପ୍ରତି କୃତଜ୍ଞ ରହିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ମାନସିକ ବିକାଶ ସହ ଆମକୁ ଆମ ହୃଦୟର ବିକାଶ କରିବାକୁ ପଡ଼ିବ । ଅନ୍ୟକୁ ସାହାଯ୍ୟ କରିବା ହେଉଛି ପ୍ରକୃତ ଶିକ୍ଷା । ସହନଶୀଳତା, ସହହୃଦୟତା, ଦୟା, କରୁଣା ଓ ଏକାତ୍ମବୋଧ ହେଉଛି ଆମ ସଭ୍ୟତାର ମୂଳ ମନ୍ତ୍ର । ଜ୍ଞାନ ଆହରଣ ସହ ଏ ଏସବୁ ମାନବୀୟ ଗୁଣ ସମସ୍ତଙ୍କ ନିକଟରେ ରହିବା ଆବଶ୍ୟକ ବୋଲି ସେ କହିଥିଲେ । ପରିବେଶଠାରୁ ଅର୍ଥନୀତି ଯାଏଁ ପ୍ରକୃତ ଜୀବନ ହେଉଛି ଚ୍ୟାଲେଞ୍ଜପୂର୍ଣ୍ଣ । ବିବିଧତାକୁ ଗ୍ରହଣ କରି ଆମେ ଏହି ସବୁ ଚ୍ୟାଲେଞ୍ଜର ମୁକାବିଲା କରି ଜୀବନରେ ସଫଳ ହେଇପାରିବା ବୋଲି ରିନ୍‌ପୋଚେ କହିଥିଲେ । ଛାତ୍ରଛାତ୍ରୀମାନେ ସମାଜର ଉନ୍ନତି ପାଇଁ ସବୁବେଳେ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ । ଆଜି ବିଶ୍ୱ ଯେଉଁସବୁ ସମସ୍ୟାର ସମାଧାନ ହେଉଛି ସେସବୁର ସମାଧାନ ଦିଗରେ ସୌହାର୍ଦ୍ଦ୍ୟ ହେଉଛି ଚାବିକାଠି ବୋଲି ସେ କହିଥିଲେ । ଏହି ଅବସରରେ ପୁନେସ୍ଥିତ ଗୋଖଲେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପଲିଟିକ୍‌ସ୍ ଆଣ୍ଡ ଇକୋନୋମିକ୍‌ସ୍‌ର କୁଳାଧିପତି ତଥା ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଡ଼. ରାଜୀବ କୁମାର, ୟୁଏନ୍‌ଏପିର ଗୁଡ୍‌ୱିଲ୍ ଆମ୍ବାସାଡ଼ର ତଥା ସୁଇଜରଲ୍ୟାଣ୍ଡସ୍ଥିତ ଜିଆଇଏସ୍‌ଟି ଆଡ଼ଭାଇଜରିର ପ୍ରତିଷ୍ଠାତା ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପବନ ଶୁଖ୍‌ଦେବ, ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଭାରତୀୟ ସଂଗୀତକାର ଡ଼. ରିକି. ଜି. କେଜ୍ ଓ ଗ୍ରୀନ୍ ବେଲ୍ଟ ଏବଂ ରୋଡ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସଭାପତି ଏରିକ୍ ସୋଲେମ୍‌ଙ୍କୁ ସମ୍ମାନସୂଚକ ଡ଼କ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଥିଲା । ସମ୍ମାନସୂଚକ ଡ଼କ୍ଟରେଟ୍ ଡ଼ିଗ୍ରୀ ଗ୍ରହଣ କରି ଡ଼. ରାଜୀବ କୁମାର କହିଲେ ଜନଜାତି ସମ୍ପ୍ରଦାୟର ପିଲାଙ୍କ ମଧ୍ୟରେ ଥିବା ମେଧା ଶକ୍ତି ଓ ସମ୍ଭାବନାକୁ ପରିପ୍ରକାଶ କରିବାରେ କିସ୍‌ର ପ୍ରୟାସ ପ୍ରଶଂସନୀୟ । ଦେଶରେ ପରିବର୍ତ୍ତନ ଆଣିବା ପାଇଁ କିସ୍‌ର କ୍ଷମତା ରହିଛି ବୋଲି ସେ କହିଥିଲେ । ବର୍ତ୍ତମାନ ସମୟରେ ମାନବ ସମ୍ବଳ ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ପବନ ଶୁଖ୍‌ଦେବ କହିଥିଲେ । ଡ଼. କେଜ୍ କହିଲେ ଏବେ ବିଶ୍ୱ ଭୟଙ୍କର ପରିବେଶ ସମସ୍ୟାର ସମ୍ମୁଖୀନ ହେଉଛି । ଏଥିରେ କିଛି ପରିବର୍ତ୍ତନ ଆଣିବାକୁ ହେଲେ ଆମେ ନିଜେ ପରିବର୍ତ୍ତନ ହେବାକୁ ପଡ଼ିବ । ବିଶ୍ୱ ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା କ୍ଷତି ଏବଂ ପ୍ରଦୂଷଣ ଭଳି ସମସ୍ୟାର ସମ୍ମୁଖୀନ ହେଉଛି ବୋଲି ସେ କହିଥିଲେ । ଏହି ସବୁ ସମସ୍ୟାର ମୁକାବିଲା ନିମନ୍ତେ କିସ୍‌ର ଏକ ପ୍ରମୁଖ ଭୂମିକା ରହିଛି ବୋଲି ରିକି କହିଥିଲେ । ଭର୍ଚୁଆଲ୍‌ରେ ଯୋଗଦେଇ ସୋଲେମ୍ କହିଲେ ମୁଁ ପୂର୍ବରୁ କିସ୍ ପରିଦର୍ଶନ କରିଛି । କିସ୍‌ରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଆଖିରେ ମୁଁ ମୋର ମାଆଙ୍କୁ ଦେଖିପାରିଥିଲି ବୋଲି ସେ କହିଥିଲେ । କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ସତ୍ୟ ଏସ୍ ତ୍ରିପାଠୀ କହିଲେ ତୁମେମାନେ ଏବେ ଜ୍ଞାନ ଆହାରଣକାରୀରୁ ପରିବର୍ତ୍ତନକାରୀ ହେବାକୁ ଯାଉଛ । ପୁରାତନ ଛାତ୍ରଛାତ୍ରୀଙ୍କ ଭଳି କିସ୍‌ର ଯେଉଁ ନିଃସ୍ୱାର୍ଥ ସେବା ପରମ୍ପରା ରହିଛି ତାହାକୁ କାର୍ଯ୍ୟ କ୍ଷେତ୍ରରେ ଲଗାଇବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । ତୁମେମାନେ କିସ୍‌ରୁ ଯାହା ଆହାରଣ କଲ ତାହା ତୁମେମାନେ ଅନ୍ୟମାନଙ୍କ ପ୍ରତି ଦୟା ମାଧ୍ୟମରେ ପ୍ରତିଦାନ ଦେଇପାର ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ସମ୍ପାଦକ ଆର ଏନ୍ ଦାଶ, କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ । କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଦୀପକ କୁମାର ବେହେରା ବିଶ୍ୱବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ୩ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ ପ୍ରଦାନ କରାଯାଇଥିବା ବେଳେ ସ୍ନାତକୋତ୍ତରରେ ଉତ୍କର୍ଷ ପ୍ରତିପାଦିତ କରିଥିବା ୨ଛାତ୍ରଙ୍କୁ ପ୍ରତିଷ୍ଠାତା ସ୍ୱର୍ଣ୍ଣ ପଦକ, ୧୪ ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ ଓ ୧୪ଜଣଙ୍କୁ କୁଳପତି ରୌପ୍ୟ ପଦକ ପ୍ରଦାନ କରାଯାଇଥିଲା ।

## ମହିଳାଙ୍କ ବେକରୁ ସୁନାଚେନ ଲୁଟ ଅଭିଯୋଗ

ଧର୍ମଶାଳା, (ପିଏନ୍): ଧର୍ମଶାଳା-କବାଟବନ୍ଧ ପୁର୍ତ ରାସ୍ତାର କୁଆଁରିଆ ପୋଲ ନିକଟରେ ଜଣେ ମହିଳାଙ୍କ ବେକରୁ ବୁଧବାର ଦିନ ସୁନା ଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ଧର୍ମଶାଳା ବ୍ଲକ ଅନ୍ତର୍ଗତ ବାଲିସାହିପାଟିଆ ଗ୍ରାମର ଦୀଲିପ ସାହୁ ଓ ତାଙ୍କ ପତ୍ନୀ ଦେବସ୍ମିତା ସାହୁ ବାଇକରେ ଜାରକାସ୍ଥିତ ଭୁମିକା ହସପିଟାଲକୁ ଆସୁଥିଲେ । ଏହି ସମୟରେ ୨ଜଣ ଲୁଟେରା ଏକ ପଲସର ବାଇକରେ ତାଙ୍କ ପିଛା କରି ଧର୍ମଶାଳା ଥାନା କୁଆଁରିଆ ପୋଲ ନିକଟରେ ବାଇକରେ ବସିଥିବା ମହିଳାଙ୍କ ବେକରୁ ୧୨ ଗ୍ରାମ ଓଜନର ସୁନା ଚେନ ଲୁଟି ନେଇ ଫେରାର ହୋଇଯାଇଛନ୍ତି । ଏନେଇ ମହିଳାଙ୍କ ସ୍ୱାମୀ ଗୁରୁବାର ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି ।

## ଘୋଷଯାତ୍ରା ପାଇଁ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ

ଧର୍ମଶାଳା, (ପିଏନ୍):ଧର୍ମଶାଳା ମୁନସୀ ମିଳନ କମିଟି ଓ ଶ୍ରୀ ଜଗନ୍ନାଥ କମିଟି ଭାଲୁଖାଇର ମିଳିତ ସହଯୋଗରେ ବିଶ୍ୱ ଆରାଧ୍ୟ ଦେବତା ଜଗନ୍ନାଥଙ୍କ ଅଷ୍ଟମ ବାର୍ଷିକ ଘୋଷଯାତ୍ରା ପାଇଁ ପ୍ରସ୍ତୁତି ଶେଷ ପାର୍ଯ୍ୟାୟରେ ପହଁଚିଛି । ଆସନ୍ତା କାଲି ଶୁକ୍ରବାର ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଛେରା ପହଁରା କରାଯାଇ ପହଣ୍ଡିବିଜେ ପରେ ଦିନ ୧ଟାରେ ରଥଟଣା ଆରମ୍ଭ ହେବାକୁ ସ୍ଥିର କରାଯାଇଛି । ରଥ ଭାଲୁଖାଇ ମନ୍ଦିରରୁ ବାହାରି ୧୬ନଂ ଜାତୀୟ ରାଜପଥ ଜାରକା ଛକ, ବୁଦ୍ଧ ଛକ ଓ ଶାନ୍ତିବଜାର ଦେଇ ଧର୍ମଶାଳା ହାଟପଡିଆସ୍ଥିତ ମାଉସୀମା ମନ୍ଦିରରେ ପହଁଚିବ । ଶ୍ରୀଗୁଣ୍ଡିଚା ମନ୍ଦିରରେ ୯ ଦିନ ରହଣି କାଳରେ ସେଠାରେ ପ୍ରତ୍ୟେକ ସନ୍ଧ୍ୟାରେ ଭଜନ,ପ୍ରବଚନ, ନୃତ୍ୟସଙ୍ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ମାଉସୀମା ମନ୍ଦିରରେ ଠାକୁର ୯ ଦିନ ରହିବା ପରେ ଗତ ୯ ତାରିଖରେ ପୁଣି ବାହୁଡାଯାତ୍ରାରେ ଭାଲୁଖାଇସ୍ଥିତ ମନ୍ଦିରକୁ ପ୍ରତ୍ୟାବର୍ତନ କରିବା ପରେ ୧୦ ତାରିଖରେ ସୁନାବେଶ, ୧୧ ତାରିଖରେ ଅଧରପଣା ଓ ୧୨ତାରିଖରେ ନିଳାଦ୍ରୀ ବିଜେ କରାଯିବ ବୋଲି ମୁନସୀ ମେଳଣ କମିଟିର ସଭାପତି ତଥା ଥାନା ଅଧିକାରୀ ରାକେଶ କୁମାର ତ୍ରିପାଠୀ ଓ ଜଗନ୍ନାଥ କମିଟି ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ବରାଳ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

## ଶ୍ରଦ୍ଧାଳୁ ପାଇଲେ ଆଡ଼ପ ଅବଢ଼ା

ପୁରୀ,(ପି.ଏନ): ସକାଳ ଧୂପ, ଶ୍ରୀଜୀଉଙ୍କୁ କୋଠ ଭୋଗ ଲାଗି ପରେ ଆଜି ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତ ପାଇଛନ୍ତି ଆଡ଼ପ ଅବଢ଼ା । ଆଡ଼ପ ଅବଢ଼ା ଆନନ୍ଦବଜାରକୁ ଆସିବା ପରେ ଭକ୍ତ ମାନେ ଆଡ଼ପ ଅବଢ଼ା ସେବନ କରି ଫେରୁଥିବା ଦେଖିବାକୁ ମିଳିଛି । ସଅଳ ନୀତି ଆଡ଼ପ ଅବଢ଼ା ଶୀଘ୍ର ବାହାରିଥିବା ଜଣାପଡିଛି । କଥିତ ଅଛି, ମହାରାଜା ଇନ୍ଦ୍ରଦ୍ୟୁମ୍ନ ମହେଦଧିର ଦାରୁ ଆଣିବା ପରେ ବିଗ୍ରହ ନିର୍ମାଣ ସହ ୭ ଦିନ ଯଜ୍ଞ କରିଥିଲେ ଯଜ୍ଞର ପ୍ରଥମ ଭୋଗ ଭାବେ ମହାପ୍ରସାଦ ଭୋଗ ହୋଇଥିଲା । ଏହି ଭୋଗକୁ ମହାପ୍ରସାଦର ଜନ୍ମଦିନ ଭାବି ଭକ୍ତ ମାନେ ଆଡପ ଅବଢ଼ା ସେବନ କରିଥାନ୍ତି । ଗୁଣ୍ଡିଚା ମନ୍ଦିରରେ ମା ବିମଳା ନଥିବାରୁ ଜଗମୋହନର ଏକ ସ୍ତମ୍ଭକୁ ବିମଳାଙ୍କ ସ୍ଥିତି କଳ୍ପନା କରାଯାଇ ମହାପ୍ରସାଦ ସମର୍ପଣ କରାଯାଇଥିଲା ।

## ଚୁଆରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

ଖୋର୍ଦ୍ଧା,(ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ସାରୁଅ ଗ୍ରାମର ବିନୋଦ ବିହାରୀ ସାହୁ(୬୫) ରବିବାର ଦିନ ସନ୍ଧ୍ୟାରେ ନିକଟସ୍ଥ ଏକ ଚୁଆକୁ ଶୌଚ ହେବା ପାଇଁ ଯାଇଥିଲେ । ସେ ବିଳମ୍ବିତ ସମୟ ପର୍ଯ୍ୟନ୍ତ ନ ଫେରିବାରୁ ଘର ଲୋକମାନେ ଖୋଜାଖୋଜି ଆରମ୍ଭ କରି ବାଘମାରୀ ଥାନାରେ ଅଭିଯୋଗ ଦେଇଥିଲେ । ଏଥିରେ ପୋଲିସ ଓ ବେଗୁନିଆ ଅଗ୍ନିଶମ କର୍ମଚାରୀ ମାନେ ବିଭିନ୍ନ ସ୍ଥାନ ଖୋଜାଖୋଜି ପରେ ଭୋର ସମୟରେ ଶ୍ରୀ ସାହୁଙ୍କ ଶବ ଚୁଆରେ ଭାସୁଥିବାର ଦେଖିବାକୁ ପାଇଥିଲେ । ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ କରୁଛି ବୋଲି ବାଘମାରୀ ଥାନା ଉପନିରୀକ୍ଷକ ବ୍ରହ୍ମାନନ୍ଦ ସ୍ୱାଇଁ କହିଛନ୍ତି ।

## ବିପୁଳ ପରିମାଣରେ ପୋଚ ଓ ମଦ ଜବତ



ଖୋର୍ଦ୍ଧା,(ପିଏନ): ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କୁଞ୍ଜୁରୀ ପଂଚାୟତର ବରପଦା ଗ୍ରାମ ନିକଟସ୍ଥ ଏକ କାଜୁ ଜଙ୍ଗଲ ପରିସରରୁ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରି ବିପୁଳ ପରିମାଣର ପୋଚ ଓ ଦେଶୀ ମଦ ଜବତ କରାଯାଇଛି ବୋଲି ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଅଧିକାରୀ ଭୈରବ ସାହୁ ସୂଚନା ଦେଇଛନ୍ତି । ସୂଚନା ଅନୁଯାଇ ବରପଦା ଗ୍ରାମରେ ଦେଶୀ ମଦ ପ୍ରସ୍ତୁତ କରାଯାଇ ଅବାଧରେ ବିକ୍ରୟ କରାଯାଉଥିବାର ଖବର ପହଂଚିବା କ୍ଷଣି ଅତର୍କିତ ଭାବରେ ଚଢାଉ କରି ୪୨ ଶହ ଲିଟର ପୋଚ, ୩୪୫ ଲିଟର ଦେଶୀ ରନ୍ଧା ମଦ ଓ ବ୍ୟବହୃତ ସାମଗ୍ରୀ ଜବତ କରି ନଷ୍ଟ କରାଯାଇଛି । ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୨ ଲକ୍ଷ ୪୪ ହଜାର ୫ ଶହ ଟଙ୍କା ହେବ ବୋଲି ଆକଳନ କରାଯାଇଛି ।

## ୩ ଜଣ ଅସାମାଜିକ ଗିରଫ

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲା ଗୋଳନ୍ଥରା ଥାନା ପୋଲିସ ଆଜି ୩ ଜଣ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରିଛି । ସେମାନେ ହେଲେ ଦଶଘରିଆ ଗ୍ରାମର ଶିଶିର କୁମାର ନାୟକ, ମେଦିନୀପୁର ଗ୍ରାମର ଗଣେଷ ସାହୁ ଓ ଶଙ୍କର ପ୍ରଧାନ । ୩ ଅଭିଯୁକ୍ତଙ୍କୁ ଗିରଫ ପରେ ଆଜି କୋର୍ଟଚାଲାଣ କରାଯାଇଛି । ସେମାନଙ୍କ ବିରୋଧରେ ଭାରତୀୟ ପିଙ୍ଗଳ କୋଡ୍‌ର ଦଫା ୩୮୬/୩୪ ବଳରେ ଗୋଳନ୍ଥରା ଥାନାରେ କେସ୍ ନଂ ୨୮୮/୨୨ ରେ ମାମଲା ରୁଜୁ ହୋଇଛି ।

## ଧର୍ମଶାଳା ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ପ୍ରେସ କ୍ଲବର ସାଧାରଣ ପରିଷଦ ବୈଠକ ଜାରକାସ୍ଥିତ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସଂପାଦକ ଅବିନେଶ୍ୱର ଶତପଥୀ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ପରେ ପ୍ରେସ କ୍ଲବର ଆୟବ୍ୟୟର ସମୀକ୍ଷା କରାଯାଇଥିଲା । ଏହି ଅବସରରେ ଅନ୍ୟ ବର୍ଷ ମାନଙ୍କ ପରି ବନ ମହୋତ୍ସବ ସପ୍ତାହ ଅବସରରେ କାର୍ଯ୍ୟାଳୟ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର କରାଯାଇଥିଲା । ଏଥିସହ ଆସନ୍ତା ଜୁଲାଇ ମାସରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ ନେଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଥିଲା । ଏନେଇ କମିଟି ଗଠନ କରାଯିବା ସହ ଦାୟିତ୍ୱ ଅର୍ପଣ କରାଯାଇଥିଲା । ଏହି ବୈଠକରେ ପ୍ରେସ କ୍ଲବର ଉପଦେଷ୍ଟା ବଟକୃଷ୍ଣ ପରିଡା, ଇନ୍ଦ୍ରମଣି ନାୟକ, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ଉପସଭାପତି ଗୁଲାମ ଗସ୍, ସୀତାକାନ୍ତ ସାମଲ, ସହ ସଂପାଦକ ମାନସ ରଂଜନ ଜେନା, କୋଷାଧ୍ୟକ୍ଷ ଅଖିଳ କୁମାର ସ୍ୱାଇଁ, ସଂଗଠନ ସଂପାଦକ ପ୍ରଶାନ୍ତ କୁମାର ଗନ୍ତାୟତ, ଆଇନ ପରାମର୍ଶଦାତା କ୍ଷୀରୋଦ ଚନ୍ଦ୍ର ମୁଦୁଲି, ବରିଷ୍ଠ ସଭ୍ୟ କପିଳେନ୍ଦ୍ର ରାଉତ, ସବ୍ୟସାଚୀ ବେହେରା, ବିବେକାନନ୍ଦ ରାୟ, ଅକ୍ଷୟ କୁମାର ରାଉତ, ପ୍ରସନ୍ନ କୁମାର ପାଣି, ଅନିଲ ନାୟକ, ବିନୋଦ ପରିଡା, ରଶ୍ମିରଂଜନ ରାୟ, ସୁବ୍ରତ ଜେନା, ଗିରିଧାରୀ ବେହେରା, କିଶୋର ରାଉତ, ବିନୋଦ ସାହୁ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ବରିଷ୍ଠ ସଭ୍ୟ ବିକ୍ରମ କେଶରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଗଛରେ ଝୁଲନ୍ତା ଅବସ୍ଥାରେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା, (ପିଏନ): ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡାଡିହ ପଂଚାୟତର ଓସ୍ତପୁର ଗ୍ରାମର ଗଣେଶ୍ୱର ସାହୁ ଓରଫ ବୁଲା(୬୨)ଙ୍କର ମୃତଦେହ ସ୍ଥାନୀୟ ଅଂଚଳର ଏକ ଆମ୍ବତୋଟା ପରିସରରେ ଝୁଲନ୍ତା ଅବସ୍ଥାରେ ଲୋକମାନେ ଦେଖିବାକୁ ପାଇଥିଲେ । ଏ ନେଇ ବାଘମାରୀ ପୋଲିସ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଅପର ପକ୍ଷରେ ଶ୍ରୀ ସାହୁଙ୍କ ପରିବାର ପକ୍ଷରୁ ଏହା ଆତ୍ମହତ୍ୟା ନୁହେଁ ବୋଲି ଲିଖିତ ଅଭିଯୋଗ କରିଥିବା ବେଳେ ସୁପରିକଳ୍ପିତ ଯୋଜନା ମୁତାବକ କେହି ହତ୍ୟା କରି ଝୁଲାଇ ଦେଇଛି । ସୂଚନା ମୁତାବକ ସ୍ୱର୍ଗତ ଶ୍ରୀ ସାହୁଙ୍କ ସହିତ ଗତ ଦୁଇ ଦିନ ତଳେ କୌଣସି ଏକ କାରଣକୁ ନେଇ ଯୁକ୍ତିତର୍କ ହୋଇଥିବା ବେଳେ ତାଙ୍କ ନାମରେ ଏକ ମାମଲା ରୁଜୁ କରାଯାଇଥିଲା । ତେବେ ପୋଲିସ ଗିରଫ କରିବାକୁ ନେଇ ମୃତକଙ୍କୁ ଧରିବା ପାଇଁ ଘର ଉପରେ ମଧ୍ୟ ଚଢାଉ କାର୍ଯ୍ୟ କରିଥିଲା । ଏହି ଘଟଣାକୁ ନେଇ ସନ୍ଦେହ ଉପୁଜି ଥିବାରୁ ହତ୍ୟା କିମ୍ବା ଆତ୍ମହତ୍ୟା ପୋଲିସ ତଦନ୍ତ ପରେ ଜଣା ପଡିବ ବୋଲି ସ୍ଥାନୀୟ ଜନସାଧାରଣ ଆଶାବାନ୍ଧି ରହିଛନ୍ତି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray